ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯବେକ୍ଷକ

Vol.26 . No.217 Bhubaneswar Thursday October 05 2023 | ୨୬ତମ ବର୍ଷ ସଂଖ୍ୟା–୨୧୭ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ନୀରଜଙ୍କୁ କଡା ଟକ୍କର ଦେଲେ ଓଡିଆ ପୁଅ କିଶୋର ଜେନା, ଭାରତକୁ ସ୍ୱର୍ଣ୍ଣ ଓ ରୌପ୍ୟ

ଭୁବନେଶ୍ବର,୪।୧୦(ପିଏନ):ଚ଼ାଇନାରେ ଚ଼ମକିଛନ୍ତି ଓଡିଆ ପୁଅ କିଶୋର ଜେନା। ସେ ସମସ୍ତଙ୍କୁ ଜଳକା କରି ପୁରୁଷ ଜାଭେଲିନରେ ଜିତିଛନ୍ତି ରୌପ୍ୟ ପଦକ। ସେ ସ୍ୱର୍ଣ୍ଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ନିଜ ଜାଭେଲିନ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏସିଆନ ଗେମ୍ସରେ ସେ କ୍ୟାରିୟର ବେଷ୍ଟ ଥ୍ରୋ ୮୭.୫୪ ମିଟର ଦୂରତାକୁ ଜାଭେଲିନ ?ଫିଙ୍ଗିଛନ୍ତି। ଭାରତର ସୁନା ପୁଅ ନୀରଜ ଚୋପ୍ରାଙ୍କୁ ଆଜି କିଶୋର କଡା ଟକ୍କର ଦେଇଥିଲେ। ଏକଦା ସେ ନରୀଜଙ୍କୁ ପଛରେ ପକାଇ ୧ନଂ ସ୍ଥାନକୁ ଚ଼ାଲି ଯାଇଥିଲେ। କିନ୍ତୁ ୪ର୍ଥ ପ୍ରୟାସରେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ନୀରଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ୮୮.୮୮ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ପୁଣିଥରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଏକ ପ୍ରକାରର ନିଶ୍ଚିତ କରିଥିଲେ। ଭାରତକୁ ପୁରୁଷ ଜାଭେଲିନରେ ଥ୍ରୋରେ ଉଭୟ ସୁନା




ଓ ରୁପା ପଦକ ମିଳିଛି। ପୂରା ଦେଶ ନୀରଜଙ୍କ ଠାରୁ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଅପେକ୍ଷାରେ ଥିଲା। କିନ୍ତୁ ପୁରୀ ଜିଲ୍ଲାର କିଶୋର ଜେନା ତୃତୀୟ ପ୍ରାୟସରେ ସବୁ କିଛି ଓଲଟପାଲଟ କରି ଦେଇଥିଲେ। ସେ ୮୬.୭୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ନୀରଜ ଚୋପ୍ରାଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଥିଲେ।

## ଖୁସି ଖବର, ଗ୍ୟାସ୍ ସିଲିଣ୍ଡର ସବସିଡି ବୃଦ୍ଧି

ଭୁବନେଶ୍ୱର,୪।୧୦(ପି.ଏନ): ମୁଦ୍ରାସ୍ଫୀତି ସମୟରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେଲେ ସରକାର। ଉଜ୍ୱଳା ଯୋଜନା ଅଧୀନରେ ନିଆଯାଇଥିବା ଏଲପିଜି ସିଲିଣ୍ଡର ଉପରେ ସବସିଡି ବୃଦ୍ଧି କରିଛନ୍ତି କେନ୍ଦ୍ରସରକାର। ଏଣିକି ସିଲିଣ୍ଡର୍ ପିଛା ୩୦୦ ଟଙ୍କା ସବସିଡି ମିଳିବ।ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ଅଧୀନରେ ୯.୬ କୋଟି ହିତାଧିକାରୀ



ଏହି ସୁବିଧାର ଲାଭବାନ ହୋଇପାରିବେ। କ୍ୟାବିନେଟ ନିଷ୍ପତ୍ତି ପରେ ସିଲିଣ୍ଡର ପିଛା ୩୦୦ ଟଙ୍କା ସବସିଡି ଘୋଷଣା କରାଯାଇଛି।

## ଆପ୍ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଗିରଫ

ନୂଆଦିଲ୍ଲୀ,୪।୧୦(ପି.ଏନ): ଆମ୍ ଆଦମୀ ପାର୍ଟି(ଆପ୍)କୁ ଆଉ ଏକ ଝଟକା। ଗିରଫ ହେଲେ ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଜି ତାଙ୍କୁ ଗିରଫ କରିଛି। ଦିଲ୍ଲୀର ମଦ ଦୁର୍ନୀତି ଯାଞ୍ଚ ସହ ଜଡିତ ଅର୍ଥ ହେରଫେର ମାମଲାରେ ଗିରଫ ହୋଇଛନ୍ତି ସଞ୍ଜୟ ସିଂହ। ଏହି ମାମଲାରେ ଆଜି ସାଂସଦଙ୍କ ଦିଲ୍ଲୀ ବାସଭବନରେ ଖୋଳତାଡ କରିଥିଲା ଇଡି। ସକାଳଠାରୁ ସାଂସଦଙ୍କ ଘରେ ଖାନତଲାସୀ ଜାରି ରଖିବା ପରେ ଶେଷରେ ଅପରାହ୍ଣରେ ସଞ୍ଜୟ ସିଂହଙ୍କୁ ଗିରଫ କରିଛି।ଲିକର୍ ପଲିସି ମାମଲାର



ଅଭିଯୁକ୍ତ ଦିନେଶ ଆରୋରା ସଞ୍ଜୟ ସିଂହଙ୍କ ନାମ ନେବା ପରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିଲା ଇଡି। ଆରୋରା କହିଥିଲେ ଯେ, ସଞ୍ଜୟ ତାଙ୍କୁ ମନିଷ ସିସୋଦିଆଙ୍କ ସହ ଯୋଗାଯୋଗ କରାଇଥିଲେ। ଲିକର୍ ପଲିସି ଘୋଟାଲା ସମୟରେ ସିସୋଦିଆ ଅବକାରୀ ମନ୍ତ୍ରୀ ଥିଲେ। ପ୍ରକାଶ ଥାଉକି ଉଭୟ ସିସୋଦିଆ ଏବଂ ଆରୋରା ଜେଲରେ ଅଛନ୍ତି।

### ଶିକ୍ଷାନୁଷ୍ଠାନ ନିକଟ ତମାଖୁ ଦୋକାନରେ ଚ଼ଢ଼ାଉ

ପୁରୀ,୪।୧୦(ପି.ଏନ): ଆଜି ଜିଲ୍ଲା ପ୍ରଶାସନ ଓ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତରଫରୁ ପୁରୀ ମୁନିସିପାଲିଟି ବିଭିନ୍ନ ଶିକ୍ଷାନୁଷ୍ଠାନ ଅଂଚଳରେ ବେଆଇନ ତମାଖୁ ବ୍ୟବସାୟୀ ମାନଙ୍କ ଉପରେ ଚ଼ଢ଼ାଉ କରାଯାଇଛି ଓ ଟ୩୦୦୦/- ଜୋରିମାନା ଆଦାୟ କରାଯାଇଛି ଓ ବିପୁଳ ପରିମାଣର ତମାଖୁ ପଦାର୍ଥକୁ ନଷ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅଶୋକ କୁମାର ମିଶ୍ର,ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, କୁମ୍ଭାରପଡା ଥାନା ଅଧିକାରୀ, ଜିଲ୍ଲା ତମାଖୁ ନିୟନ୍ତ୍ରଣ ଅଧିକାରୀ ଡା ସୁଶାନ୍ତ କୁମାର ବିଶ୍ୱାଳ ମିଳିତ ଭାବରେ ଚ଼ଢ଼ାଉ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ଅଂଚଳରେ ଜାରୀରହିବ।

### ସୁନ୍ଦରଗଡରୁ ପୁଣି ୨୦ ସ୍କ୍ରବ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୪।୧୦(ପି.ଏନ): ସୁନ୍ଦରଗଡରେ ପ୍ରତିଦିନ ଚିହ୍ନଟ ହେଉଛନ୍ତି ସ୍କ୍ରବ ଟାଇଫସ୍ ଆକ୍ରାନ୍ତ। ଜିଲ୍ଲାରୁ ଆଜି ପୁଣି ୨୦ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨୮ ଛୁଇଁଛି। ଅନ୍ୟପଟେ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏହା ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି ।

## ଦିଲ୍ଲୀରେ କଂଗ୍ରେସକୁ ୩ ଲୋକସଭା ଆସନ ଛାଡିବାକୁ ଆପ୍ ରାଜି !

ଭୁବନେଶ୍ୱର,୪।୧୦(ପି.ଏନ): ବିଜେପି ବିରୋଧରେ ଏକାଠି ଲଢ଼ିବାକୁ ପଣ କରିଥିବା ବିରୋଧୀ ଦଳଗୁଡିକ ଏବେ ସିଟ ଶେୟାରିଂ ଉପରେ ଆଲୋଚ଼ନା ଜାରି ରଖିଛନ୍ତି। ନିକଟରେ ହୋଇଥିବା ଆଲୋଚ଼ନା ବେଳେ ଦିଲ୍ଲୀର ୭ ଲୋକସଭା ଆସନରୁ କ୍ଷମତାସୀନ ଆପ୍ ୩ଟି କଂଗ୍ରେସକୁ ଛାଡିବାକୁ ରାଜି ହୋଇଛି। କଂଗ୍ରେସ ଦିଲ୍ଲୀର ୭ଟି ଆସନରୁ ୩ଟି ଓ ଆପ୍ ୪ଟି ଆସନରେ ଲଢ଼ିବ ବୋଲି ନିଷ୍ପତ୍ତି ହୋଇଥିବା ଏନସିପି ସୁପ୍ରିମୋ ଶରଦ ପାୱାର ସୂଚ଼ନା ଦେଇଛନ୍ତି।ଗୋଟିଏ ଜାତୀୟ ଗଣମାଧ୍ୟମର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶରଦ ପାୱାର କହିଛନ୍ତି, "ମୁଁ ଥରେ ଅରବିନ୍ଦ କେଜ୍ରିୱାଲଙ୍କ ସହ ଦିଲ୍ଲୀର



ଲୋକସଭା ଆସନଗୁଡିକ ବିଷୟରେ କଥା ହୋଇଥିଲୀ। ଏଯାଏ କଂଗ୍ରେସ ଦିଲ୍ଲୀରେ ଶୂନ ଆସନରେ ରହିଛି। କେଜ୍ରିୱାଲ ମୋତେ କହିଥିଲେ ଯେ ମୁଁ ଦିଲ୍ଲୀର ୭ ଆସନ ସମ୍ପର୍କରେ କଂଗ୍ରେସ ସହ କଥା ହୁଏ। ଏହି ୭ ଆସନ ମଧ୍ୟରୁ ସେ(କେଜ୍ରିୱାଲ) ୩ଟି ଆସନ କଂଗ୍ରେସକୁ ଛାଡିବା ପାଇଁ ପ୍ରସ୍ତୁତ। ଏଥିସହ ସବୁ ପ୍ରସଙ୍ଗର ସମାଧାନ କରିବାକୁ ମଧ୍ୟ କହିଥିଲେ।" ୨୦୧୯ ସାଧାରଣ ନିର୍ବାଚ଼ନରେ ଦିଲ୍ଲୀର ୭ଟି ଯାକ ଲୋକସଭା ଆସନରେ ବିଜେପି ଜିତିଥିଲା।

## ବଢିଲା ଶ୍ରମିକଙ୍କ ଦୈନିକ ମଜୁରୀ : ରାଜ୍ୟ ସରକାର ନେଲେ ନିଷ୍ପତି

ଭୁବନେଶ୍ୱର,୪।୧୦(ପି.ଏନ): ଶ୍ରମିକଙ୍କ ପାଇଁ ଖୁସି ଖବର । ରାଜ୍ୟ ସରକାର ଶ୍ରମିକଙ୍କ ଦୈନିକ ମଜୁରୀ ବଢାଇଛନ୍ତି । ତେବେ ଅଣକୁଶଳିଙ୍କ ୩୪୫ ଟଙ୍କାରୁ ବଢି ୩୫୨ ଟଙ୍କା ହୋଇଥିବା ବେଳେ ଅର୍ଦ୍ଧକୁଶଳିଙ୍କ ୩୮୫ ଟଙ୍କାରୁ ବୃଦ୍ଧି ପାଇ ୩୯୨ ଟଙ୍କା ହୋଇଯାଇଛି । ଅନ୍ୟପଟେ କୁଶଳିଙ୍କ ୪୩୫ ଟଙ୍କା ବେଳେ ତାହାକୁ ବୃଦ୍ଧି କରି ୪୪୨ ଟଙ୍କା କରିଛନ୍ତି । ଏହାସହିତ ଅତିକୁଶଳିଙ୍କ ୪୯୫ ଟଙ୍କାରୁ ବୃଦ୍ଧି ହୋଇ ୫୦୨ ଟଙ୍କା ହୋଇଛି ।



## ରେଙ୍ଗା ଉଚ୍ଚ ବାଳିକା ଆଶ୍ରମ ବିଦ୍ୟାଳୟର ଚ଼ାଉଳ ଚୋରାଚ଼ାଲାଣ

ସେମିଳିଗୁଡ଼ା,୪।୧୦(ପି ଏ ନ) :କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ରେଙ୍ଗା ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଶିକ୍ଷକ ମାନେ ଚ଼ାଉଳ ଚ଼ରାଚ଼ାଳଣ କରୁଥିବା ଦେଖିବାକୁ ମିଳୁଛି।ରେଙ୍ଗା ଉଚ୍ଚ ବିଦ୍ୟାଳୟର ସ୍କୁଲ ପିଲା ମାନଙ୍କୁ ଆସୁଥିବା ଚ଼ାଉଳ ଚୋରି ହୋଇଥିବାର ଦେଖିବାକୁ ମିଳିଥିଲା।ଶିକ୍ଷକ ମାନଙ୍କ ଦ୍ୱାରା କିଛି ଲୋକ ସ୍କୁଲ ପାଚେରୀ କଡରେ ଚ଼ାଉଳ ବସ୍ତା ମାଣ୍ଡିଆ,ସୁଆଁ ଜମି ବିଲରେ ପଡିଥିବାର ଦେଖିବାକୁ ପାଇଥିଲେ।ରାଜ୍ୟ ସରକାର ପିଲାଙ୍କୁ ବିଦ୍ୟାଳୟ ଗୁଡିକରେ ଖାଦ୍ୟଦ୍ରବ୍ୟ ଗୁଡିକ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ସେମାନଙ୍କୁ ସୁସମ ଖାଦ୍ୟ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବାସ୍ତବରେ ସେହି ସୁସମ ଖାଦ୍ୟର ସଦଉପଯୋଗୀ ହୋଇପାରୁ ନଥିବା ଦେଖିବାକୁ ମିଳିଛି, ଆଶ୍ରମ ବିଦ୍ୟାଳୟ ଗୁଡିକରେ ଯାହାକି ଏଭଳି ଦୃଶ୍ୟ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରେଙ୍ଗା ଉଚ୍ଚ଼ ବାଳିକା ଆଶ୍ରମ ବିଦ୍ୟାଳୟରୁ ଚ଼ାଉଳ ଏକ ଅଟୋ ଯୋଗେ ଚୋରାଚ଼ାଲାଣ ହୋଉଥିବା ସମୟରେ ମାଡି ବସିଲେ ଅଞ୍ଚଳବାସୀ ସମେତ ଯୁବଗୋଷ୍ଠି ପିଲାମାନେ ଆଉ ସେହି ସମୟରେ ଚ଼ାଉଳ ନେଉଥିବା ବ୍ୟକ୍ତି ବିଶେଷ ଚ଼ାଉଳ ଲୁଚେଇବା ପାଇଁ ଆଖ ପାଖରେ ଥିବା ମାଣ୍ଡିଆ, ସୁଆଁ ଚ଼ାଷ ଜମି ଉପରେ ଫିଙ୍ଗିଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳି ଥିଲା ।ଏହି ଚ଼ାଲାଣ ହେଉଥିବା ଭିଡିଓ ଭାଇରାଲ ହେବା ପରେ କେତେକ ଗଣମାଧ୍ୟମ ପ୍ରତିନିଧି



ମାନେ ଘଟଣା ସ୍ଥଳରେ ପହଂଚି ଚୋରାଚ଼ଲାଣ ହୋଉଥିବା ଚ଼ାଉଳ ସମ୍ବନ୍ଧ ? ପ୍ରଧାନ ଶିକ୍ଷକଙ୍କୁ ଫୋନ ଯୋଗେ ପଚ଼ାରିବାରୁ କହିଲେ କି ଧାରରେ ସୁବାଇ ଆଶ୍ରମକୁ ୧୫ ବସ୍ତା ଚ଼ାଉଳ ଦିଆଯାଉଥିବା କହିଛନ୍ତି, କିନ୍ତୁ ଏହି ବିଷୟରେ ସେମିଳିଗୁଡା ବ୍ଲକ ଜନମଙ୍ଗଳ ଅଧିକାରୀ ହର ପ୍ରସାଦ ଦାସ ଙ୍କୁ ଫୋନଯୋଗେ ପଚ଼ାରିବାରୁ ମୋତେ ଏହି ବିଷୟରେ କୌଣସି ପ୍ରକାରରେ ଅବଗତ କରାଯାଇନଥିବା କଥା କହିଥିଲେ। ଆଉ ସମ୍ପୂର୍ଣ୍ଣ ଭାବେ ଏଥିପାଇଁ ରେଙ୍ଗା ଉଚ଼୍ଚ଼ ବାଳିକା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିଁ ଦାୟୀ ରହିବେ ବୋଲି ସଙ୍ଗେ ସଙ୍ଗେ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି କହିଛନ୍ତି, ଏହି ବାବଦରେ କୌଣସି ଛିଠା ମଧ୍ୟ ଦେଖାଇ ପାରିନଥିଲେ,ଏହା ପରେ ଜିଲ୍ଲା କଲ୍ୟାଣ ଅଧିକାରୀ ସୁନିଲ କୁମାର ତାଣ୍ଡିଙ୍କ ପଚ଼ାରିବାରୁ ଏହି ବାବଦରେ ଖବର ପ୍ରସାରଣ ହେଲେ ତଦନ୍ତ କରାଯିବ ବୋଲି ଶ୍ରୀ ତାଣ୍ଡି କହିଛନ୍ତି।ଏଠି ସବୁ ଠାରୁ ବଡ଼ ପ୍ରଶ୍ନ ଉଠୁଚ଼ି ଯେ କିପରି ଚ଼ାଉଳ ବସ୍ତା ଜମି କି ଗଲାପରେ ଆନ୍ଧ୍ର ରେଜିଷ୍ଟ୍ରେସନ ଥିବା ବଜାଜ ମେକ୍ସ ତିନି ଚ଼କିଆ ଅଟୋ ନମ୍ବର ଏ ପି ୩୪ ଟି ଡି ୭୮୫୮ ଗାଡ଼ିରେ ଚ଼ାଉଳ ଚ଼ାଲାଣ ହେଉଥିବା, ଏହାର ରେଙ୍ଗା ସ୍କୁଲର ସିସିଟିବି ଫୁଟେଜ କୁ ତଦନ୍ତ କରିବା ଦ୍ୱାରା ସତ୍ୟସତ୍ୟ ଜଣାପଡିବ ବୋଲି ବୁଦ୍ଧିଜୀବୀ ମୋହୋଲରେ ବୈଇରାଲ ଭିଡ଼ିଓ କୁ ନେଇ ଆଲୋଚ଼ନା ଜୋର୍ ଧରିଛି।ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ, ଜିଲ୍ଲା କଲ୍ୟାଣ ଅଧିକାରୀ ଦୃଷ୍ଟି ଆକର୍ଷଣ କରିବାକୁ ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

## କିଶୋର ଜେନାଙ୍କୁ ମିଳିବ ଦେଢ଼ କୋଟି ଟଙ୍କାର ପୁରସ୍କାର, ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର,୪।୧୦(ପି.ଏନ): ଓଡିଆ ପୁଅ କିଶୋର କୁମାର ଜେନା ସମସ୍ତଙ୍କୁ ଚ଼କିତ କରି ଏସିଆନ ଗେମ୍ସ-୨୦୨୩ରେ ପୁରୁଷ ଜାଭେଲିନରେ ରୌପ ପଦକ ଜିଣି ଓଡିଶା ସମେତ ସମଗ୍ର ଦେଶର ସମ୍ମାନ ବଢ଼ାଇଛନ୍ତି। ଆଉ ପ୍ୟାରିସ୍ ଅଲମ୍ପିକ୍ସ ନିମନ୍ତେ ଯୋଗ୍ୟତା ଅର୍ଜନ ମଧ୍ୟ କରିଛନ୍ତି। ପୁରୀ ଜିଲ୍ଲାର କିଶୋରଙ୍କ ଏହି ଐତିହାସିକ ସଫଳତା ପାଇଁ ଆଜି ରାଜ୍ୟ ସରକାର ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚ଼ାଇନାରେ ଚ଼ାଲିଥିବା ଏସିଆନ୍ ଗେମସ




ପ୍ରତିଯୋଗିତାରେ ସଫଳତା ପାଇଁ କିଶୋରଙ୍କୁ ଅଭିନନ୍ଦନ ଜଣାଇବା ସହ କିଶୋରଙ୍କ ସଫଳତା ଉଭୟ ରାଜ୍ୟ ଓ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଦେଶର କ୍ରୀଡା ଇତିହାସରେ ଏହା ସ୍ମରଣୀୟ ହୋଇ ରହିବ। ଏହି ପୁରସ୍କାର ତାଙ୍କର ଶାନଦାର ପ୍ରଦର୍ଶନ, ତାଙ୍କ ଦକ୍ଷତା ଓ ଦୃଢ଼ ସଂକଳ୍ପକୁ ମାନ୍ୟତା ଦେଉଛି।

## କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ ଅସହାୟଙ୍କୁ ମିଳୁନି ସହାୟତା

ଜେନାପୁର,୪।୧୦(ପି.ଏନ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଅଧିନସ୍ଥ ମର୍ଜିତାପୁର ଗ୍ରାମର ପବିତ୍ର କୁମାର ଭଦ୍ର (୪୬) ପିତା କାହ୍ନୁ ଚ଼ରଣ ଭଦ୍ର ଦୀର୍ଘ ଦିନ ଧରି ଏକ ଝାଟିମାଟି ଭଙ୍ଗା ଚ଼ାଳ ଛପର ଘରେ ଜରିପାଲ ବାନ୍ଧି ପରିବାର ସହ ରହି ଆସୁଥିଲେ । ଏହି ସମ୍ବନ୍ଧରେ ବ୍ଲକ୍ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଜଣାଇବା ସ୍ୱତ୍ତ ତାଙ୍କର ସମସ୍ୟାକୁ ଦୃଷ୍ଟି ନ ଦେଇ ଅବହେଳିତ କରି ଆସୁଛନ୍ତି । ସେ ଏକ ଆବାସ ଯୋଜନା ପାଇବା ପାଇଁ ସମ୍ପୂର୍ଣ୍ଣ କାଗଜ ପତ୍ର ଆର୍ ଟି ଆଇ ରୁ ତଥ୍ୟା ଆଣିବା ପରେ ମଧ ଆଜିକାଲି କହି ଜିଲ୍ଲାପାଳ କାର୍ଯ୍ୟାଳୟରୁ ବ୍ଲକ୍ କାର୍ଯ୍ୟାଳୟକୁ ଦୈଡି ଦୈଡି ନୟନ୍ତା ହେଲେ ସୁଦ୍ଧା କୌଣସି ସୁଫଳ ଆଜି ପର୍ଯ୍ୟନ୍ତ ମିଳିଲା ନାହିଁ । ବିଭିନ୍ନ ଗଣମାଧ୍ୟମ ଜରିଆରେ ଏହି ଖବରକୁ ପ୍ରଚ଼ାର ପ୍ରସାର କରିବା ପରେ ମଧ ପ୍ରଶାସନ ଚୁପ୍ ହୋଇ ବସିରହିଛି । ତାଙ୍କ କହିବାନୁଯାୟୀ ଯାହା ତୁମେ କହୁଛ ସବୁ ମିଛ ଓ ଗଣମାଧ୍ୟମରେ



ପ୍ରସାରିତ ଖବର ସମ୍ପୂର୍ଣ୍ଣ ମିଛ ବୋଲି ପ୍ରଶାସନ ଅଧିକାରୀ କୁହନ୍ତି । ବର୍ତ୍ତମାନ କ୍ଷେତ୍ରରେ ପରିବାର ପ୍ରତିପୋଷଣ କରିବା ବହୁତ କଷ୍ଟ ହେଉଥିଲା ବେଳେ ଘର ଖଣ୍ଡେ କରିବା ତାଙ୍କ ପ୍ରତି ଅସମ୍ଭବ ହେଉଛି । ଗତ କାଲି ଘରର କାନ୍ଥଟି ଫାଟ ଅବସ୍ଥାରେ ଥିଲା ବେଳେ ସାମାନ୍ୟ ଝଡି ବର୍ଷାରେ କାନ୍ଥଟି ଭୁଷୁଡି ପଡିଛି । ଭଗବାନ୍ ଙ୍କ ଦୟାରୁ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ପରିବାର । ଆବାସ ଯୋଜନାରେ ଘର ପାଇବା ପାଇଁ ଜନପ୍ରତିନିଧି ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ ପତ୍ର ଦେଲେ ବି କୌଣସି ଫଳପ୍ରଦ ହେଉନାହିଁ । ଅଭିଯୋଗ ମୁତାବକ ସେ କୁହନ୍ତି କେତେକ କୁଚ଼କ୍ରୀ ରାଜନୈତିକ ଗୋଷ୍ଠୀ ମୋ ସାନ ଭାଇର କୋଠା ଘରକୁ ମୋର କହି ଜନପ୍ରତିନିଧି ଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ତାଙ୍କୁ ଅବହେଳିତ କରିଆସୁଛନ୍ତି । ଯାହା ଫଳରେ ସେ ଘରେ ବର୍ତ୍ତମାନ କ୍ଷେତ୍ରରେ ଘରେ ରହିବା ଦୂରର କଥା ଅନ୍ୟ ଗ୍ରାମବାସୀଙ୍କ ପିଣ୍ଡାରେ ପାଲ ବାନ୍ଧି ପରିବାର ଦିନ ବିତାଉଛନ୍ତି । ଯାହା ବାସ୍ତବିକ୍ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ଏଥିରୁ ସ୍ପଷ୍ଟ ଜଣା ପଡୁଛି ତାଙ୍କର ସମସ୍ୟାକୁ ନ ଦେଖିଲା ପରି କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ ଶୋଇପଡିଲା ଭଳି ମନେ ହୁଏ । ଆଗମୀ ଦିନରେ ଯଦି କିଛି ଅସୁବିଧା କିମ୍ବା ଦୁର୍ଘଟଣା ସମସ୍ୟା ଦେଖାଯାଏ ପରିବାର ପ୍ରତି ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି । କୌଣସି ବଦାନ୍ୟ ବ୍ୟକ୍ତି ଓ ସେବା ସଂଗଠନ ପକ୍ଷରୁ ସହାୟତା ଯୋଗେଇ ଦେଲେ ବିଶେଷ ଉପକୃତ ହେବେ ବୋଲି ନିବେଦନ କରିଛନ୍ତି ।

## ଫଳକ ପଡି ପ୍ରଥମ ଶ୍ରେଣୀ ଛାତ୍ର ମୃତ, ଖେଳ ଛୁଟିରେ ବାହାରକୁ ଆସିଥିବା ବେଳେ ଘଟିଥିଲା ଏହି ଅଘଟଣ

ଭଦ୍ରକ,୪।୧୦(ପି.ଏନ): ଆଜି ଭଦ୍ରକର ଧୁଷୁରୀ ଅଞ୍ଚଳରେ ଘଟିଯାଇଛି ଏହି ଦୁଃଖଦାୟକ ଘଟଣା । ଏଠାରେ ଫଳକ ପଡି ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଖେଳ ଛୁଟିରେ ଛାତ୍ର ଜଣକ ରାସ୍ତାକୁ ଆସିଥିବା ବେଳେ ତା' ସହ ଘଟିଛି ଏହିପରି ଅଘଟଣ । ମିଳିଥିବା ସୂଚ଼ନା ଅନୁସାରେ ରାସ୍ତା କାମ ଚ଼ାଲିଥିବା ବେଳେ ଧୁଷୁରୀ ଥାନା ଉଚ଼୍ଚ଼ପଦା ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ର ରାସ୍ତା ଉପରକୁ ଆସିଥିଲେ । ସ୍କୁଲ ନିକଟରେ ରାସ୍ତା କାମ ଚ଼ାଲୁଥିବାରୁ ସେଠାରେ ଫଳକ



ରଖାଯାଇଥିଲା । ଛାତ୍ର ଜଣକ ବାହାରକୁ ଆସିଥିବା ବେଳେ ଏପରି ଅଘଟଣ ଘଟି ପ୍ରାଣ ଯାଇଥିବା ଜଣାଯାଇଛି ।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଅକ୍ଟୋବର ୫

# ବାକ ସଞ୍ଚୟ



ଅନୀତା ପଟ୍ଟନାୟକ

ସେଦିନ ମୁଁ ଗୋଟିଏ ଗଛମୂଳରେ ବସିଥାଏ। ଗଛଟି କହିଲା ତୁମେ କେତେ ଭାଗ୍ୟବାନ। ମୁଁ ତାକୁ କହିଲି ତୁମେ ଏପରି କାହିଁକି କହୁଛ ? ସେ କହିଲା ଭଗବାନ ତୁମକୁ ଅମୃତ ସଦୃଶ ବାକ ଶକ୍ତି ଦେଇଛନ୍ତି କିନ୍ତୁ ଆମ ମାନଙ୍କୁ ଦେଇନାହାଁନ୍ତି। ଦୁଃଖର ବିଷୟ ଯେ ମନୁଷ୍ୟ ବାକଶକ୍ତି କିପରି ଓ କେତେବେଳେ ବ୍ୟବହାର କରିବା କଥା ତାହା ଜାଣେନାହିଁ। ମୋର କୌତୁହଳ ବଢ଼ିଗଲା। ମୁଁ ପଚାରିଲି ଗଛ ଭାଇ କହିଲ ଦେଖି ବାକ ଶକ୍ତିକୁ ମନୁଷ୍ୟ କିପରି ବ୍ୟବହାର କରିବା ଉଚିତ ?

ଗଛ ଉତ୍ତର ଦେଇ କହିଲା – ପ୍ରଥମେ ମନୁଷ୍ୟ ଭାବିବା ଦରକାର ସେ ଯେଉଁ କଥା କହିବାକୁ ଯାଉଛି ତାହା ନିତ୍ୟାନ୍ତ ଦରକାର କି ? ମନୁଷ୍ୟ ନିଜକୁ ପଚାରିବା ଦରକାର ସେ ଯେଉଁ କଥା କହିବାକୁ ଯାଉଛି ତାହା ହିତକାର କି ? ମନୁଷ୍ୟ ଏହା ମଧ୍ୟ ଚିନ୍ତା କରିବା ଦରକାର ସେ ଯେଉଁ କଥା କହିବାକୁ ଯାଉଛି ତାହା କାହାର ମନରେ ଆଘାତ ଦେବକି ? କଥା ସତ୍ୟ ଉପରେ ଆଧାରିତ କି ? ଓ ମଧୁର ସ୍ୱରରେ ବକ୍ତବ୍ୟ ରଖିହେବ କି ? ମୁଁ କହିଲି ଗଛଭାଇ ସତରେ ଆଜି ପର୍ଯ୍ୟନ୍ତ ମୁଁ ଏ ବିଷୟରେ ଭାବିନାହିଁ। ତୁମକୁ ଦେଖି ଜାଣୁଥିଲି ଯେ ନୀରବତା ହିଁ ଆଧାତ୍ମିକ ସାଧନାର ପ୍ରଥମ ସୋପାନ। ଏପରି କଥାବାର୍ତ୍ତା ଚାଲୁଥିବା ସମୟରେ ଗୋଟିଏ କୁକୁର ହାଡ଼ ଖଣ୍ଡିଏ ପାଟିରେ ଧରି ସେଠାକୁ ଆସିଲା। ମୁଁ ଶ୍ୱାନକୁ ପଚାରିଲି ହାଡ ଠାରୁ ଆଖୁର ରସ ଅଧିକ ମଧୁର। ହେଲେ ତୁମେ ଆଖୁ ଖାଉନାହଁ କାହିଁକି ? ଶ୍ୱାନଟି ଉତ୍ତର ଦେଇ କହିଲା ଶ୍ୱାନମାନେ ଆଖୁରସ ଖାଆନ୍ତି ନାହିଁ। ସେମାନେ ହାଡ ମାଂସ ଖୋଜନ୍ତି। କିନ୍ତୁ ମନୁଷ୍ୟକୁ ଆଧାତ୍ମିକ ଚେତନାର ଓ ବିଶୁଦ୍ଧ ବାତାବରଣର, ବିବେଚନାର ଶକ୍ତି ଭଗବାନ ଦେଇଥିଲେ ମଧ୍ୟ ସେ ଆବର୍ଜନାପୂର୍ଣ୍ଣଗଳି ଓ ବସ୍ତୁରୁ ନିଜକୁ ଦୂରେଇ ରଖି ପାରେନାହିଁ। ମନୁଷ୍ୟ ପାଖରେ ସତ୍ତ୍ୱ, ରଜ ଓ ତମ ତିନୋଟି ଗୁଣ ଥିଲେ ମଧ୍ୟ ସେ ଷଡରିପୁର ପ୍ରଭାବରେ ରଜ ଓ ତମ ଗୁଣର ବହୁଳ ବ୍ୟବହାର କରିଥାଏ। ସତ୍ତ୍ୱଗୁଣକୁ ଆଦରି ଆବର୍ଜନା ପୂର୍ଣ୍ଣ ଗଳିରୁ ବାହାରି ମୁକ୍ତିର ରାଜରାସ୍ତାରେ ଚାଲିପାରି ନଥାଏ। ସେ ଆଖୁର ସ୍ୱାଦ ଜାଣିଥିଲେ ମଧ୍ୟ ପଶୁ ମାଂସ ଭକ୍ଷଣ କରିଥାଏ। ସେ ଭୁଲ ଗଛରେ ଚଢ଼ିଥାଏ ତେଣୁ ଭୁଲ ଫଳ ଖାଇ ରୋଗ, ଦୁର୍ଦ୍ଦଶା ଇତ୍ୟାଦିର ଶିକାର ହୋଇଥାଏ।

ଏହି ସମୟରେ କେଉଁଠୁ ଏକ ମଦ୍ୟପ ଗାଳି ଗୁଲଜ କରି ଆମ ପାଖ ଦେଇ ଗଲା। ଗଛଭାଇ କହିଲା ଝିଅ ଦେଖ। ମଦ୍ୟପ କିପରି ଉନ୍ମତ୍ତ। ସେ ଚାକଚକ୍ୟ ପ୍ରତି ଉଦାସୀନ। ଆଦର୍ଶ ସହିତ ସଂପର୍କ ନଥିବା ବସ୍ତୁ ପରି ସେ ନିର୍ବିକାର। କ୍ଷୁଧା ଓ ତୃଷ୍ଣା ତାକୁ ଅସ୍ଥିର କରିପାରୁନାହିଁ। ଯୁକ୍ତି ତର୍କରେ ସେ ବାଟବଣା ନୁହେଁ। ମୁଁ କହିଲି ଠିକ କହିଛ। ଏକ ଅଜ୍ଞାନୀ ମଦ୍ୟପାନ କରିନଥିଲେ ମଧ୍ୟ ମଦ୍ୟପାନ କରିଥିବା ବ୍ୟକ୍ତିପରି ଏ ସଂସାରରେ ଝୁଣ୍ଟିପଡେ। ମୁଁ ଗଛକୁ କହିଲି ତୁମେ ଜାଣିଚ ଏହି ମଦ୍ୟପର ତୃଟି ବିଚ୍ୟୁତିର ମୂଳ ହେଉଛି ତାର ଭ୍ରମପୂର୍ଣ୍ଣ ଜୀବନଧାରା। ତାର ଭ୍ରମପୂର୍ଣ୍ଣ ଜୀବନ ଧାରାର ଉତ୍ପତ୍ତି କେଉଁଠାରୁ ଜାଣିଚ ? ଗଛ ଉତ୍ତର ଦେଇ ନପାରିବାରୁ ମୁଁ କହିଲି ଏହାର ଉତ୍ପତ୍ତି ହେଉଛି ନିଜର ପ୍ରକୃତ ସ୍ୱରୂପ ସଂପର୍କରେ ଅଜ୍ଞତା। ଏପରି ଅଜ୍ଞତା ମନୁଷ୍ୟର ଚିନ୍ତା, କଥାବାର୍ତ୍ତା ଓ ଜୀବନର କାର୍ଯ୍ୟଶୈଳୀକୁ କଳୁଷିତ କରେ। ଗଛ କହିଲା ଏହିପରି କଳୁଷ ଓ ଜୀବନ ସବୁକୁ ନଷ୍ଟ କରିବାର ଔଷଧ କଣ କିଛି ନାହିଁ। ମୁଁ କହିଲି ଅଛି। ତାହା ହେଉଛି ଜ୍ଞାନ, କର୍ମ, ଉପାସନା ଓ ଭକ୍ତି।

ଏହି ସମୟରେ କେଉଁଠୁ ଗୋଟିଏ ଗାଈ ଆସି ସେଠାରେ ଉପସ୍ଥିତ ହେଲା ଓ ଗଛ ମୂଳରୁ ଘାସ ଚୋବାଇବାକୁ ଆରମ୍ଭ କଲା। ସେ ମଧ୍ୟ ଆମ ସହିତ ମିଶି ବକ୍ତବ୍ୟ ରଖି କହିଲା ମୋର ବାକ ଶକ୍ତି ନାହିଁ। କେବଳ କିଛି ଶବ୍ଦ କରିପାରେ। ମନୁଷ୍ୟକୁ ଅମୃତସ୍ୟ ପୁତ୍ର ବୋଲି କୁହାଯାଏ। ହେଲେ ସେ ମୋ ଦେହରୁ ନିର୍ଗତ ହେଉଥିବା ଅମୃତ ସ୍ୱରୂପ ଦୁଗ୍ଧକୁ ପାନ କରୁଥିଲେ ମଧ୍ୟ ବଚନରେ ଅମୃତ ନଥାଏ ଓ ବାକଶକ୍ତିର ଅପଚୟ କରିଥାଏ। ମନୁଷ୍ୟ ବାକକୁ ବାକଶକ୍ତି ବୋଲି କହିଥାଏ। ଶକ୍ତି ଭଗବାନଙ୍କ ପ୍ରତୀକ। ମନୁଷ୍ୟ କଥା ଛଳରେ ଭଗବାନଙ୍କୁ ସର୍ବଭୌମିକ ଶକ୍ତିର ଉତ୍ସ ବୋଲି କହିଥାଏ କିନ୍ତୁ ସଂସାରରେ ବାକଶକ୍ତିର ଅତ୍ୟଧିକ ଅପବ୍ୟୟ କରୁଥିବା ବ୍ୟକ୍ତି ହେଉଛି ମନୁଷ୍ୟ। ସେ ବାକସଂଜମ କରିପାରିନଥାଏ କିମ୍ବା ବାକଶକ୍ତିର ସଂଚୟ କରିପାରିନଥାଏ। ମୋର ପିଠିକୁ ଦେଖ। ମୁଁ ଜଣକ ବାଡ଼ିରେ ପଶି ଯାଇଥିବାରୁ ଗୋଟିଏ ପରିବାରର ସବୁ ସଦସ୍ୟ ବଡ଼ ପାଟିରେ ଗାଳି ଗୁଲଜ କରି ମତେ ପିଟି ପକାଇଲେ। ଛୋଟ ନାତିଟି ସେମାନେ ଏପରି କରି ସାରିବା ପରେ ତାଙ୍କୁ ବୁଝାଇ କହିଥିଲା। ମା ତୁମେ ଗହ୍ମାପୂର୍ଣ୍ଣିମା ଦିନ ଗାଈକୁ ପୂଜା କରିଥିଲ। ଜନ୍ମାଷ୍ଟମୀ ଦିନ ଆମର କୃଷ୍ଣମୂର୍ତ୍ତି ଆଗରେ ଥିବା ଗାଈଟିକୁ ଧୋଇ ପୋଛି ପୂଜା କରିଥିଲ। ଆଜି ଗାଈଟିକୁ ପିଟି ଉଚ୍ଚଶବ୍ଦରେ ପାଟିକରି ଲହୁଲୁହାଣ କରିଦେଇଛ। ତୁମର ଏ ଦୁଇଟି ଆଚରଣରୁ କେଉଁଟି ଠିକ ? ମା ବାପା ପାଟିକରି ନାତିକୁ କହିଲେ ଚୁପକର। କଥାର ସଂଚୟ କର। ବାକଶକ୍ତି ଭଗବାନଙ୍କ ସଦୃଶ। ମୋର କଲେଜ ଯିବାର ବେଳ ହୋଇଯିବାରୁ ଗଛ ତଳେ ବସିଥିବା ସ୍ଥାନ ପରିତ୍ୟାଗ କଲି। କୁକୁର ହାଡଟି ଧରି ଅନ୍ୟତ୍ର ଚାଲିଗଲା। ଗଛ ସ୍ଥିର ଓ ନୀରବ ହୋଇ ଠିଆ ହୋଇଥାଏ। ଗାଈଟି ଖାଦ୍ୟ ଅନ୍ୱେଷଣରେ ଅନ୍ୟତ୍ର ଚାଲିଗଲା।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬*

# ଉପକୂଳ ବାସୀଙ୍କ ସମସ୍ୟା !



ଶରତ କୁମାର ରାଉତ

ସମୁଦ୍ର, ନଦୀ, ନାଳ, ବନାନୀ ଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର,ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତୀ ଏହି ଜିଲ୍ଲାର ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୩ ଲକ୍ଷ ୬୦ହଜାର। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ ୨୪୯ ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୧୫୫୨ ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସ ସ୍ତୁପରେ ପରିଣତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକ ଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି।

ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱ ବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇ ପାରୁନାହିଁ। ପ୍ରାକୃତିକ ଦୃଶ୍ୟ ରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇ ପାରନ୍ତା।

ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀତା ଉପରେ ବ୍ୟାପକ ସମୀକ୍ଷା ହେଉନଥିବାରୁ ପ୍ରକୃତ ହିତାଧିକାରୀ ମାନେ ଉପକୃତ ହୋଇ ପାରୁ ନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୧ଲକ୍ଷ ୨୦ ହଜାର ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଳାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୃତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରା ଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଥ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛି ବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ୨୦ ରୁ ଉର୍ଦ୍ଧ୍ୱ ନିର୍ମାଣାଧିନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସନ୍ମୁଖିନ ହେଉଛନ୍ତି।

ସମୁଦ୍ର ତଟବର୍ତୀ ଗାଁ ଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତି ମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଳାବନରେ ମିଳେଇ ଯାଇଛି। ସାତଭାୟା ଭଳି କେତେକ ଗାଁ କେଉଁ ମୁହୂର୍ତରେ ସମୁଦ୍ରର ମହାପ୍ଳାବନରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଅକାଳରେ ଫସଲ ହାନୀ ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇ ସର୍ବସ୍ୱାନ୍ତ ହେଉଛନ୍ତି ଓ ଅନେକ ଧନ-ଜୀବନ ନଷ୍ଟ ହେଉଛି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଅଥଚ କେନାଲ୍ ପାଣି ଯୋଗାଇ ଦିଆ ନଯାଇ ମଧ୍ୟ ପ୍ରଜାଙ୍କ ଠାରୁ ଜଳକର ଆଦାୟ କରାଯାଉଛି। ବେଣାକନ୍ଦା ଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠା ଜଳ ଯୋଗାଇ ବର୍ଷ ତମାମ ଚାଷ କାର୍ଯ୍ୟକୁ ସହଜ କରାଯାଇପାରନ୍ତା।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛା ଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ,

# ଭାରତର ମହାନ୍ ଶିକ୍ଷକମାନେ



ତପସ୍ୱିନୀ ପଟ୍ଟନାୟକ

ପ୍ରତ୍ୟେକ ବୃତ୍ତି ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରେ – ଡାକ୍ତର ଆରୋଗ୍ୟତା ଆଣେ, ଇଂଜିନିୟର ଡିଜାଇନ୍ ପ୍ରସ୍ତୁତ କରେ, ବ୍ୟାଙ୍କର ଆମ ଅର୍ଥର ସୁପରିଚାଳନା ପରେ । ଏ ତାଲିକା ଖୁବ୍ ଲମ୍ବା । କିନ୍ତୁ ଯେତେବେଳେ ଜଣେ ଶିକ୍ଷକ ବିଷୟରେ ଚିନ୍ତା କରାଯାଏ ସେତେବେଳେ ଦେଖାଯାଏ ଏହା ଏକ ସମ୍ପୂର୍ଣ୍ଣ ବୃତ୍ତି । ଜଣେ ପିଲା ଡାକ୍ତର ହେଉ ବା ଶିକ୍ଷକ ତା ପଛରେ ଶିକ୍ଷକ ହିଁ ଥାନ୍ତି । ପ୍ରାଥମିକ ସ୍ତରରେ ଶିକ୍ଷକ ଛାତ୍ରକୁ ନିଜର ଭାବନା ପରିପ୍ରକାଶ କରିବା, ନିଷ୍ପତ୍ତି ନେବା, ଆଗପାଖର ପରିବେଶ ପ୍ରତି ତାକୁ ସଚେତନ କରିବା ଆଦିରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାନ୍ତି । ଛାତ୍ର ମଧ୍ୟରେ ଥିବା ପ୍ରତିଭା ଆଉ ସାମର୍ଥ୍ୟ ଚିହ୍ନଟ କରିବାରେ ମଧ୍ୟ ଶିକ୍ଷକଙ୍କର ଭୂମିକା ଖୁବ୍ ଅଧିକ । ଶିକ୍ଷାର ପରବର୍ତ୍ତୀ ପର୍ଯ୍ୟାୟରେ ସେ ଯେତେବେଳେ କ୍ୟାରିଅର ଗଢ଼ିବା ରାସ୍ତାରେ ଆଗକୁ ବଢ଼େ ସେତେବେଳେ ଶିକ୍ଷକ ହିଁ ତାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି । ଉପଯୁକ୍ତ ପ୍ରୋତ୍ସାହନ, ସାହସ ଓ ରାସ୍ତା ଦେଖାଇ ଜଣେ ଶିକ୍ଷକ ପରବର୍ତ୍ତୀ ପିଢ଼ି ପାଖରେ ସବୁ ସୁଗୁଣ ଭରି ଦେଇପାରନ୍ତି, ସୁନାଗରିକ ଓ ସଫଳ ମଣିଷ ଭାବରେ ଗଢ଼ି ଦେଇ ପାରନ୍ତି ତାକୁ । ଯେତେବେଳେ ଶିଶୁଟିଏ ପ୍ରଥମ କରି ବାପା-ମାଆଙ୍କ ହାତ ଧରି ସ୍କୁଲରେ ପହଞ୍ଚେ ସେହିଠାରୁ ହିଁ ଆରମ୍ଭ ହୋଇଯାଏ ତାର ଶିକ୍ଷକଙ୍କ ସହ ସମ୍ପର୍କ । ସ୍ନେହ ମମତା ସହ ଏ ସମ୍ପର୍କ ଦୃଢ଼ ହୁଏ । ଏ ବୟସରେ ପିଲା ଅଲେଖା ସିଲଟ ପରି । ଶିକ୍ଷକ ଯାହା ଶିଖେଇ ଦିଅନ୍ତି, ଏକଦମ୍ ଛାପି ହୋଇଯାଏ ମନ ମସ୍ତିଷ୍କରେ । ସତ କହିବା ଠାରୁ, ସମୟାନୁବର୍ତ୍ତୀ ହେବା, ସ୍ପଷ୍ଟବାଦୀ ହେବାଠାରୁ ପରୋପକାରୀ ହେବା ସବୁ କିଛି ଶିକ୍ଷକ ଶିଖେଇ ପାରନ୍ତି ଏହି କୋମଳମତି ଛାତ୍ରଛାତ୍ରୀଙ୍କୁ । ବାସ୍ ଏଇଠାରେ ହିଁ ଶିକ୍ଷକ ଛାତ୍ର ସମ୍ପର୍କର ମୂଳଦୁଆ ପଡ଼େ । ଏହି ମୂଳଦୁଆ ଉପରେ ଠିଆହୁଏ ଭବିଷ୍ୟତର ସମ୍ପର୍କ । ପ୍ରତିଟି ସୋପାନରେ ସମ୍ପର୍କ ବଦଳେ କିନ୍ତୁ ମୂଳଦୁଆ ସମାନ ଥାଏ । ଧୀରେ ଧୀରେ ଶିକ୍ଷକ ସାଥୀ, ସମୀକ୍ଷକ, ପଥ ପ୍ରଦର୍ଶକ, ସହଯୋଗୀ ପାଲଟି ଯାଆନ୍ତି । ସେଥିପାଇଁ ଖ୍ୟାତନାମା ଆମେରିକୀୟ ଇତିହାସକାର ହେନରୀ ଆଡ଼ାମ୍ସ କହିଥିଲେ – ଶିକ୍ଷକର ପ୍ରଭାବ ଅସୀମ, ସେ ବି କେବେ କହିପାରିବ ନାହିଁ କେତେବେଳେ ଛାତ୍ର ଜୀବନ ଉପରେ ତା ବ୍ୟକ୍ତିତ୍ୱର ପ୍ରଭାବ ପଡ଼ିବା ଶେଷ ହୋଇଯିବ । ସେଥିପାଇଁ ମହାନ୍ ଗ୍ରୀକ୍ ଦର୍ଶନିକ ଆରିଷ୍ଟୋଟୋଲ୍ କହିଛନ୍ତି – ପିତା ମାତାଙ୍କ ଠାରୁ ଗୁରୁ ଆହୁରି ସମ୍ମାନନୀୟ । ପିତାମାତା ଜନ୍ମ ଦିଅନ୍ତି କିନ୍ତୁ ଗୁରୁ ପ୍ରକୃତ ଅର୍ଥରେ ଜୀବନ ଦିଅନ୍ତି, ବଞ୍ଚିବାର କଳା ଶିଖାନ୍ତି ।

ପୁରାକାଳରେ ଯେଉଁମାନେ ଜୀବନର ଅନେକ ବର୍ଷ ଅଧ୍ୟୟନ ଓ ଗବେଷଣାରେ ବ୍ୟୟ କରୁଥିଲେ ସେମାନେ ହିଁ ପରବର୍ତ୍ତୀ ପିଢ଼ିକୁ ଶିକ୍ଷିତ କରିବାର ଦାୟିତ୍ୱ ନେଉଥିଲେ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା କିଛି ମହାନ୍ ଭାରତୀୟ ଶିକ୍ଷକଙ୍କୁ ।

ଚାଣକ୍ୟ (ଖ୍ରୀ:ପୂ. ୩୭୦-୨୮୩) : କୌଟିଲ୍ୟ ବା ବିଷ୍ଣୁଗୁପ୍ତ ଭାବରେ ସେ ଇତିହାସରେ ଖ୍ୟାତ । ଭାରତରେ ମୌର୍ଯ୍ୟ ବଂଶ ସ୍ଥାପନରେ ତାଙ୍କର ଭୂମିକା ସବୁଠାରୁ ଅଧିକ । ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଶିକ୍ଷାଗ୍ରହଣ ପରେ ସେ ସେହିଠାରେ ଆଚାର୍ଯ୍ୟ ଭାବରେ ଅବସ୍ଥାପିତ ହୋଇଥିଲେ । ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏବଂ ନୀତିଶାସ୍ତ୍ର ଆଜି ମଧ୍ୟ ପ୍ରଯୁଜ୍ୟ । ଅତ୍ୟାଚାରୀ ରାଜା ଧନ ନନ୍ଦଙ୍କୁ ବିତାଡ଼ିତ କରି ନିଜର ଛାତ୍ର ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ସେ ମୌର୍ଯ୍ୟ ସମ୍ରାଜ୍ୟ ସ୍ଥାପନ କରିଥିଲେ । ସେ ଚନ୍ଦ୍ରଗୁପ୍ତ ଏବଂ ତାଙ୍କ ପୁତ୍ର ବିନ୍ଦୁସାରଙ୍କ ଉପଦେଷ୍ଟା ଥିଲେ ।

ଆର୍ଯ୍ୟ ଭଟ୍ଟ (୪୭୬-୫୫୦ ଖ୍ରୀ.ପୂ) : ପାଟଳିପୁତ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଥିଲେ ଏହି ମହାନ୍ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଦ୍ । ବିଶ୍ୱାସ କରାଯାଏ ପରବର୍ତ୍ତୀ ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ହେଲେ । ସେ ସମୟରୁ ଉଭୟ ସ୍ଥାନରେ ମହାଜାଗତିକ ନିରୀକ୍ଷଣାଗାର ସ୍ଥାପନ କରିଥିଲେ । ତ୍ରିକୋଣମିତି ଓ ଆଲଜେବ୍ରା ବିଶ୍ୱ ଗଣିତ ଜଗତକୁ ଆର୍ଯ୍ୟଭଟ୍ଟଙ୍କର ଅବଦାନ ।

ସାବିତ୍ରୀ ବାଈ ଫୁଲେ (୧୮୩୧-୯୭) : ସାବିତ୍ରୀ ବାଈ ଜ୍ୟୋତିରାଓ ଫୁଲେ ଭାରତର ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଥମ ମହିଳା ଶିକ୍ଷୟିତ୍ରୀ । ୧୮୪୮ ମସିହାରେ ସେ ତାଙ୍କ ସ୍ୱାମୀଙ୍କ ସହ ମିଶି ଝିଅମାନଙ୍କ ପାଇଁ ପ୍ରଥମ ବିଦ୍ୟାଳୟ ଖୋଲିଥିଲେ । ଝିଅମାନଙ୍କୁ ଶିକ୍ଷା ଦେବା ପାଇଁ ସଚେତନତା ସୃଷ୍ଟି କରୁଥିବାରୁ ସେ ସମୟର ସମାଜରେ ତାଙ୍କୁ ଖୁବ୍ କଠିନ ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥିଲା । ସବୁଦିନ ଘରୁ ସ୍କୁଲକୁ ଯିବା ବେଳେ ତାଙ୍କ ଉପରେ ଅଣ୍ଡା, ଗୋବର, ଟମାଟୋ ଏବଂ ପଥର ମାଡ଼ ହେଉଥିଲା । ୧୮୪୮ ମସିହା ଶେଷ ବେଳକୁ ସେ ପୁନେରେ ୫ଟି ବାଳିକା ବିଦ୍ୟାଳୟ ସ୍ଥାପନ କରିପାରିଥିଲେ । ଏଥିସହ ସେ ବିଧବା ବିବାହ ଓ ଅସ୍ପୃଶ୍ୟତା ନିବାରଣ ଦିଗରେ ମଧ୍ୟ କାର୍ଯ୍ୟ କରୁଥିଲେ ।

ରବୀନ୍ଦ୍ରନାଥ ଟାଗୋର (୧୮୬୧-୧୯୪୧) : କବିଗୁରୁ ଭାବରେ ଖ୍ୟାତ ଶ୍ରୀ ଟାଗୋର ଭାରତର ଜଣେ କିମ୍ବଦନ୍ତୀ ପୁରୁଷ । ବିଶ୍ୱ ଦରବାରରେ ଭାରତକୁ ପରିଚିତ କରାଇବାରେ ଅନନ୍ୟ ଭୂମିକା ଥିଲା ତାଙ୍କର । ସେ ପୁରାତନ ଭାରତର ଗୁରୁକୁଳ ସଂସ୍କୃତିକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ । ପଶ୍ଚିମବଙ୍ଗର ଶାନ୍ତି ନିକେତନରେ ତାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଛ ତଳେ ବସି ପାଠ ପଢ଼ୁଥିଲେ । ଶ୍ରୀ ଟାଗୋର ପ୍ରତ୍ୟକ୍ଷ ଭାବରେ ସେମାନଙ୍କ ପାଠପଢ଼ା ଦେଖୁଥିଲେ । ସେ ନୋବେଲ ପୁରସ୍କାରକୁ ଲବ୍ଧ ସମସ୍ତ ଅର୍ଥ ଏହି ବିଶ୍ୱବିଦ୍ୟାଳୟର ଉନ୍ନତି ଓ ପରିଚାଳନାରେ ବ୍ୟୟ କରିଥିଲେ ।

ପ୍ରେମଚାନ୍ଦ (୧୮୮୦-୧୯୩୬) : ଖବ୍ କମ୍ ଲୋକ ଜାଣନ୍ତି ଆଧୁନିକ ଭାରତୀୟ ସାହିତ୍ୟକୁ ନୂତନ ରୂପ ଦେଇଥିବା ପ୍ରେମଚାନ୍ଦ ପେସାରେ ଜଣେ ଶିକ୍ଷକ ଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ଥିଲେ ପ୍ରେମଚାନ୍ଦ ।

ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ (୧୮୮୮-୧୯୭୫) : ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡଃ ରାଧାକ୍ରୀଷ୍ଣନ୍ ଜଣେ ଶିକ୍ଷକ ଭାବରେ ପରିଚିତ ହେବାରେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ମାଡ୍ରାସ ରେସିଡେନ୍ସି କଲେଜରୁ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ । ତାଙ୍କ ଜନ୍ମଦିନ ସେପ୍ଟେମ୍ବର ପାଞ୍ଚ ତାରିଖକୁ ଆମ ଦେଶରେ ଶିକ୍ଷକ ଦିବସ ଭାବରେ ପାଳନ କରାଯାଏ ।

*ଅଧକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ*

# ଓଡ଼ିଶାରେ ନାରୀ ଜାଗରଣ ଓ ସରଳା ଦେବୀ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ଅନେକ ଲୁହ ଓ ଲହୁର କଥା କହେ। ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି। ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ। ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା। ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ,ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳାମାନେ ସେସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ଅଗ୍ନିକନ୍ୟା ସରଳା ଦେବୀ ଥିଲେ ଅଗ୍ରଗଣ୍ୟା। ୧୯୦୪ ମସିହା ଅଗଷ୍ଟ ୯ ତାରିଖରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ନରିଲୋ ଗ୍ରାମରେ ପିତା ବାସୁଦେବ କାନୁନ୍‌ଗୋ ଓ ମାତା ପଦ୍ମାବତୀଙ୍କ କୋଳମଣ୍ଡନ କରିଥିଲେ ସରଳା ଦେବୀ। ମାତ୍ର ତାଙ୍କ ପାଳକ ପିତା ଥିଲେ ବାସୁଦେବଙ୍କ ସାନ ଭାଇ ବାଳମୁକୁନ୍ଦ, ଯେକି ତତ୍କାଳୀନ ବ୍ରିଟିଶ୍ ଶାସନର ଥିଲେ ଜଣେ ଡେପୁଟି କଲେକ୍ଟର। ସରଳା ଦେବୀଙ୍କ ବିଦ୍ରୋହୀ ମନୋଭାବର ସୂଚନା ମିଳିଥିଲା ତାଙ୍କ କୈଶୋର ଜୀବନରୁ। ୧୯୧୮ ମସିହାରେ ମାତ୍ର ୧୪ ବର୍ଷ ବୟସରେ ଜଗତସିଂହପୁର ଚାଟ୍ରା ଗ୍ରାମର ବିଶିଷ୍ଟ ଜମିଦାର ଚୌଧୁରୀ ଦୁର୍ଗା ଚରଣ ମହାପାତ୍ରଙ୍କ ବଧୂ ହୋଇ ସାରିଲା ପରେ ବି ସେ ଘରର ଚାରିକାନ୍ଥ ଭିତରେ ଓଢଣା ପକାଇ ଚୁପ୍‌ଚାପ୍ ବସି ରହିବାକୁ ପସନ୍ଦ କରିନଥିଲେ। ୧୯୧୯ ମସିହାରେ ଜାଲିଆନାୱାଲାବାଗ୍‌ର ନରସଂହାର, ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଓ ସତ୍ୟାଗ୍ରହ ସରଳାଙ୍କ ମନ ଭିତରେ ସୃଷ୍ଟିକଲା ଗଭୀର ଆଲୋଡନ। ସାମନ୍ତୀୟ ଅବଗୁଣ୍ଠନ ହଟାଇ, ଦାମ୍ପତ୍ୟ ପ୍ରେମର ସୁଖକୁ ଏଡାଇ ସରଳାଙ୍କ ପ୍ରାଣରେ ଅଙ୍କୁରିତ ହେଲା ଦେଶପ୍ରେମ ଭାବ। ଅବଶ୍ୟ ସ୍ୱାମୀ ଭାଗିରଥୀ ମହାପାତ୍ର ସରଳାଙ୍କ ଉଚ୍ଚାକାଂକ୍ଷାକୁ ସାକାର କରିବା ପାଇଁ ସୃଷ୍ଟି କରିଥିଲେ ପର୍ଯ୍ୟାପ୍ତ ସୁଯୋଗ ଓ ବଢାଇଥିଲେ ସହଯୋଗର ହାତ। ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ ଏବଂ ଏହି ଆନ୍ଦୋଳନକୁ ଓଡିଶାରେ ଆଗେଇ ନେବାକୁ ମହାତ୍ମାଗାନ୍ଧୀ ଓଡିଶା ଆସିଥାନ୍ତି । ମାହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ଥିଲା ଏହି ଆଗମନର ମୂଳ ଲକ୍ଷ୍ୟ। ତାଙ୍କ ଉଦ୍ୟମ ଓ ପ୍ରେରଣାର ଫଳ ସ୍ୱରୂପ ୪୦ ଜଣ ମହିଳା ସେଦିନ ସଭାରେ ଯୋଗ ଦେଇଥିଲେ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଥିଲା ସେଦିନ କାଠଯୋଡି ବାଲିରେ ଅନୁଷ୍ଠିତ ସେହି ସମାବେଶରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡିଆରେ ଭାଷାନ୍ତର କରି ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ସରଳା ଦେବୀ।

୧୯୩୦ ମସିହାର ଐତିହାସିକ ଲବଣ ସତ୍ୟାଗ୍ରହରେ ସରଳାଙ୍କର ଅବଦାନ ବି କିଛି କମ୍ ନଥିଲା । ସେତେବେଳେ ଓଡିଶାରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡିଠାରେ ଲୁଣ ମରାହେବା ପାଇଁ ସ୍ଥିର ହୋଇଥାଏ । ପୋଲିସ୍‌ର ଦମନ ଲୀଳାକୁ ଖାତିର ନକରି ସତ୍ୟାଗ୍ରହୀମାନେ ଇଞ୍ଚୁଡି ଅଭିମୁଖେ ଯାତ୍ରା କରିଥିଲେ । ସରଳା ଦେବୀ କେବଳ ଏଥିରେ ସାମିଲ ହୋଇନଥିଲେ ବରଂ ତାଙ୍କ ଦୃଢ ନେତୃତ୍ୱ ଯୋଗୁଁ ଅନେକ ନାରୀ ଏଥିରେ ଯୋଗ ଦେଇଥିଲେ । ସେହିପରି ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ ସେ ଗିରଫ ହେଲେ ଓ ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ଭେଲୋରରେ ବନ୍ଦୀ କରି ରଖାଯାଇଥିଲା । କ୍ରମଶଃ ସରଳା ଦେବୀଙ୍କ ପ୍ରତି ବଢିଲା ସମବେଦନା ଓ ସମର୍ଥନ । ସେହିପରି ଓଡିଶାରେ ନାରୀମୁକ୍ତି ଆନ୍ଦୋଳନର ଇତିହାସ ସରଳାଙ୍କ ବିନା ଲେଖିବା ଅସମ୍ଭବ । ସେ ଥିଲେ ତାର ପ୍ରମାଣ । ସେ କହୁଥିଲେ ନାରୀ ଜାଗିଲେ ପରିବାର ଜାଗିବ ଓ ପରିବାର ଜାଗିଲେ ଦେଶ ଜାଗିବ । ସେଥିପାଇଁ କୁନ୍ତଳା କୁମାରୀ ସାବତ, ବସନ୍ତ କୁମାର ଦେବୀ, ସରୋଜିନୀ ଚୌଧୁରୀ, କୋକିଳା ଦେବୀ ଓ ଜାହ୍ନବୀ ଦେବୀ ସହ ମିଶି ସେ ଗଠନ କରିଥିଲେ "ନିଖିଳ ଉତ୍କଳ ନାରୀ ପରିଷଦ" । ସଭାସମିତିରେ ତାଙ୍କର ଅଗ୍ନିବର୍ଷୀ ଓ ସାରଗର୍ଭକ ଭାଷଣ ସମସ୍ତଙ୍କ ମନରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା ।

୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ବିପୁଳ ଜନ ସମର୍ଥନ ଲାଭକରି ସରଳା ଦେବୀ ମହିଳା ବିଧାୟିକା ରୂପେ ନିର୍ବାଚିତ ହେଲେ । ଜଣେ ବିଧାୟିକା ଭାବରେ ତାଙ୍କର କାର୍ଯ୍ୟକୁଶଳତା ତାଙ୍କୁ ଚିରଦିନ ଅବିସ୍ମରଣୀୟ କରି ରଖିବ । ବିଧାନସଭାରେ ପ୍ରାଥମିକ ଶିକ୍ଷା, ନାରୀଶିକ୍ଷା, କୃଷକ ଓ ଶ୍ରମିକ ଅଭ୍ୟୁତ୍ଥାନ, ମହାଜନୀ କାରବାରର ବିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ଆଦି ବିଷୟରେ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ଯୌତୁକ ବିରୋଧୀ ବିଲ୍ ଆଣି ସେ ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିଥିଲେ । ବିଧାୟିକା ଥିବା ସମୟରେ ସେ ଗୋଟିଏ ଦିନ ପାଇଁ ୧୯୩୯ ମସିହା ମାର୍ଚ୍ଚ ୨୪ ତାରିଖରେ ସେ ବାଚସ୍ପତି ଦାୟିତ୍ୱ ନେଇଥିଲେ । ସେଦିନ ସେ ବିଧାନସଭାର ପରମ୍ପରା ଭଙ୍ଗକରି ସେ ଘୋଷଣା କରିଥିଲେ – "ମୁଁ ଇଚ୍ଛା କରୁଛି ଯେ ଆଜି ଏ ସଭାରେ ସମସ୍ତ କାର୍ଯ୍ୟ ଓ ମାନ୍ୟବର ସଭ୍ୟମାନଙ୍କର ବକ୍ତବ୍ୟ ସବୁ ଓଡିଆ ଭାଷାରେ ହେଉ । ପୂର୍ବରୁ ଇଂରାଜୀ ଭାଷାରେ ଏ କାର୍ଯ୍ୟ ହେବାର ଯେଉଁ ପରମ୍ପରା ବଳବତ୍ତର ରହିଛି, ମୁଁ ତାକୁ ଆଜି ଭଙ୍ଗ କରୁଛି ।" ସମାଜ ସେବା, ଅହିଂସା ସଂଗ୍ରାମ, ସତ୍ୟାଗ୍ରହ ଓ ରାଜନୈତିକ ଜୀବନବୋଧ ଭିତରେ ସାହିତ୍ୟ ସାଧନା ଥିଲା ସରଳାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ । ସରଳାଙ୍କ ଲାଗି ସାହିତ୍ୟ ଏକ ସୌଖୀନ ବିଳାସ ନୁହେଁ, ଥିଲା ସଂଗ୍ରାମର ଆଉ ଏକ ସୀମାନ୍ତ । ସାହିତ୍ୟର ବିଭିନ୍ନ ବିଭାଗ – ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ, ଜୀବନୀ, ନାଟକ, ପ୍ରବନ୍ଧ ଏବଂ ସମାଲୋଚନା ପ୍ରଭୃତିରେ ସେ ହାତଦେଇ ଅସାମାନ୍ୟ ସଫଳତା ଅର୍ଜନ କରିଥିଲେ । କିନ୍ତୁ ନିବନ୍ଧ ରଚନାରେ ସେ ଥିଲେ ସିଦ୍ଧହସ୍ତ । ବିଶ୍ୱ ବିପ୍ଳବୀ, ଉତ୍କଳର ନାରୀ ସମସ୍ୟା, ନାରୀର ଦାବୀ ଓ ଭାରତୀୟ ମହିଳା ପ୍ରସଙ୍ଗ ନିବନ୍ଧଗୁଡ଼ିକ ତାଙ୍କ ପ୍ରଶସ୍ତ ଅଧ୍ୟୟନ ଓ ଶାଣିତ ବିଶ୍ଳେଷଣର ଗୋଟିଏ ଗୋଟିଏ ନମୁନା । ସେମିତି ନାରୀର ଦାବୀ ନିବନ୍ଧଟି ନାରୀ ସ୍ୱାଧୀନତାର ଆଦ୍ୟ ଇସ୍ତାହାର କହିଲେ ଭୁଲ ହେବନାହିଁ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କ ଦକ୍ଷତାକୁ ପ୍ରମାଣିତ କରେ ସମାଲୋଚନା ମୂଳକ ପ୍ରବନ୍ଧ "ସାରଳା ମହାଭାରତରେ ନାରୀ ଚିତ୍ର" ଓ "କୁନ୍ତଳା କୁମାରୀଙ୍କ ନାରୀ ପ୍ରତିଭା" ଗ୍ରନ୍ଥଦ୍ୱୟ । ଜଣେ ଲେଖିକା ଭାବରେ ନାଟକ ରଚନା କରି ସରଳା ଦେବୀ ନିଜପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି । ଏହାର ପ୍ରମାଣ ହେଉଛି 'ସ୍ୱପ୍ନବାସବଦତ୍ତା' ଅନୁବାଦ ସହିତ ଐତିହାସିକ ନାଟକ 'ଭୀମା ଭୂୟାଁ' ଓ ମାନସିକ ନାଟକ 'ଯାଯାବର' । ସେହିପରି ଗଳ୍ପ ଓ ଉପନ୍ୟାସ ରଚନାରେ ସରଳା ତାଙ୍କ କଥା ଶୈଳୀର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି ।

ସରଳା ଦେବୀ ଆଜି ଆମ ଗହଣରେ ନାହାଁନ୍ତି । ହେଲେ ଓଡିଶାର ରାଜନୀତି, ସମାଜ ସେବା, ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ, ସଂସ୍କୃତି ଓ ସଂଗଠନ କ୍ଷେତ୍ରରେ ଯେଉଁ ସ୍ୱାକ୍ଷର ଛାଡ଼ିଯାଇଛନ୍ତି ତାହା ଚିରଦିନ ଆମକୁ ଅନୁପ୍ରାଣିତ କରୁଥିବ ଏଥିରେ ସନ୍ଦେହ ନାହିଁ।

*ଜଗତସିଂହପୁର, ମୋ - ୯୯୩୭୧୫୧୦୫୨*

# ଇରିଟେବୁଲ ବାଓ୍ୱେଲ ସିଣ୍ଡ୍ରୋମ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ରିଟେବୁଲ ବାଓ୍ୱେଲ ସିଣ୍ଡ୍ରୋମ ବା ଆଇବିଏସ ପେଟ ସମ୍ପର୍କିତ ଏକ ରୋଗ, ଯାହାକି ପାଚନତନ୍ତ୍ରକୁ ପ୍ରଭାବିତ କରିଥାଏ। ଏହି ରୋଗ ଦ୍ୱାରା ଅନ୍ତନଳୀରେ ଥିବା ଗୁଡ଼ ବ୍ୟାକ୍ଟେରିଆ କ୍ଷେତ୍ରରେ ଅସନ୍ତୁଳନ ଦେଖାଯାଏ। ଏହାଦ୍ୱାରା ପେଟ ଦରଜ, ଗ୍ୟାସ, ପେଟ ଫୁଲା, କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ ଆଦି ସମସ୍ୟା ଦେଖାଯାଏ। ଏହି ସମସ୍ୟା ଜଟିଳ ଏବଂ ଗମ୍ଭୀର ହୋଇଗଲେ ବସିବା ଉଠିବା ସମୟରେ ପେଟରେ ଖୁବ ଯନ୍ତ୍ରଣା ହୋଇଥାଏ। ଏଥିରୁ ମୁକ୍ତି ପାଇବା ପାଇଁ ଲୋକମାନେ କେମିଷ୍ଟଙ୍କ ପରାମର୍ଶରେ ଔଷଧ ସେବନ କରିଥାନ୍ତି, ଯାହାକି ଆହୁରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ତେଣୁ ଏହି ସମସ୍ୟାର ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗ ପ୍ରାଥମିକ ସ୍ତରରେ ଥିଲେ କେତେକ ଘରୋଇ ଉପାୟରେ ଏହାର ଉପଚାର କରିହେବ। ଏସବୁ ଉପାୟ ଆପଣାଇବା ପୂର୍ବରୁ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। କାରଣ ସ୍ୱାସ୍ଥ୍ୟଗତ ଲକ୍ଷଣ ଦୃଷ୍ଟିରୁ ଏସବୁ ଘରୋଇ ଉପଚାରର କ୍ୱଚିତ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ। ଅଦାରେ ଥିବା ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟିଇନଫ୍ଲାମେଣ୍ଟାରି, ଏନାଲଜେସିକ, ଜିଞ୍ଜରୋଲ ଭଳି ଅନେକ ତତ୍ତ୍ୱ ରହିଛି ଯାହାକି ଆଇବିଏସ ସମସ୍ୟାକୁ ଦୂର କରେ। ନିତିଦିନିଆ ଖାଦ୍ୟରେ ମଧ୍ୟ ସାମାନ୍ୟ ପରିମାଣର ଅଦାକୁ ସାମିଲ କରିବା ଦ୍ୱାରା ଗ୍ୟାସ ଏସିଡିଟି ଏବଂ କଫଜନିତ ସମସ୍ୟା ରହେନାହିଁ। ପାଚନତନ୍ତ୍ରକୁ ସୁସ୍ଥ ରଖିବା ପାଇଁ ତ୍ରିଫଳା ବହୁତ ଲାଭଦାୟକ। ହରିଡ଼ା, ବାହାଡ଼ା ଓ ଅଁଳାର ସମଷ୍ଟିରେ ପ୍ରସ୍ତୁତ ହୋଇଥିବା ତ୍ରିଫଳା ଚୂର୍ଣ୍ଣର ଗୋଟିଏ ଚାମଚ ରାତି ଶୋଇବା ପୂର୍ବରୁ ଉଷୁମ ପାଣି ସହିତ ସେବନ କରିବା ଦ୍ୱାରା ସହଜରେ ପେଟ ସଫା ହୋଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଉଥିବା ହେଙ୍ଗୁରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ତେଣୁ ଏକ ଚୁଟକିରୁ କମ ହେଙ୍ଗୁ ସହିତ ଏକ ଛୋଟ ଚାମଚ ଜୁଆଣି ଏବଂ ଏକ ଚୁଟକି କଳାଲୁଣ ବା ବିଟଲୁଣ ସହିତ ଖାଇବା ଦ୍ୱାରା ପାଚନ ଜନିତ ସବୁ ସମସ୍ୟା ଦୂର ହୋଇଥାଏ। ଘିଅ ଓ ଗୁଡ଼ ପ୍ରାକୃତିକ ଲେକସେଟିଭ ଭଳି କାମ କରେ। ଏହାଦ୍ୱାରା ମଳ ନରମ ହୁଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ। ତେଣୁ ଗୋଟିଏ ଛୋଟ ଛୋଟ ଚାମଚରେ ଗୁଡ଼ ଓ ଘିଅ ମିଶାଇ ଖାଇବା ଦ୍ୱାରା ଆଇବିଏସ ସମସ୍ୟାର ଦୂର ହୁଏ। ଆଇବିଏସ ସମସ୍ୟା ଦୂର କରିବା କ୍ଷେତ୍ରରେ ଇସବଗୁଲ ମଧ୍ୟ ଲାଭଦାୟକ। ଏଥିରେ ଥିବା ଫାଇବର ଓ ଲେକସୋଟିଭ ଗୁଣ କାଷ୍ଠକାଠିନ୍ୟ ଦୂର କରିବାରେ ସହାୟକ ହୋଇଥାଏ। ଏହାକୁ ପାଣି କିମ୍ବ କ୍ଷୀରରେ ଖାଇପାରିବେ।

*ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,*




# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"ର ଅଧିକାରୀ ପ୍ରଫେସର ଉଦୟନାଥ ସାହୁ



ନୂଆଦିଲ୍ଲୀ/ଭୁବନେଶ୍ୱର (ପିଏନ୍): ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ "ଆଦି ସାରଳା ଦାସ ଚେୟାର"ର ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଓଡ଼ିଆ, ବଙ୍ଗଳା ଓ ଆସମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଗବେଷଣାକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"- ୨୦୨୨ରେ ସ୍ଥାନ ଦେଇଛନ୍ତି। ପ୍ରଥମ ଓଡ଼ିଆ ଗବେଷକ ଭାବେ ସେ ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି। ସେପ୍ଟେମ୍ବର ୭ ତାରିଖରେ ମେଡାଲ ସହ ପ୍ରଶଂସାପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଗବେଷକମାନଙ୍କ ପାଇଁ ସେ ପ୍ରେରଣାର ସ୍ରୋତ ହେବେ ନିଶ୍ଚୟ। ପ୍ରଫେସର ସାହୁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତକୁ ମଧ ତୁଳନାତ୍ମକ ଭାବେ ଗବେଷଣା କରି କଥା ଓ ଚରିତ୍ରର ସାମ୍ୟ ଓ ବୈଷମ୍ୟକୁ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ଜାପାନର "ଓଟାନି" ବିଶ୍ୱବିଦ୍ୟାଳୟରେ ଭାଗବତ ଓ ମହାଭାରତର ମୂଳଧାରାକୁ ଶ୍ରେୟ କରି ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଭାରତୀୟ ସାହିତ୍ୟ ମଧ ଦେଇ ସାରଳା ମହାଭାରତରେ ତୁଳନାତ୍ମକ ଗବେଷଣା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଆଧୁନିକ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ତଥା ଫକୀରମୋହନ ସାହିତ୍ୟ ସମ୍ପର୍କରେ ଉଚିତ ଗବେଷଣାତ୍ମକ ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି।

ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ, ପୂର୍ବ ଭାରତୀୟ ମହାଭାରତରେ ନୀତିଭକ୍ତି ଓ ଜାତୀୟ ସଂହତି, Reflection on the Great Indian Epic Mahabharat in Odisha, Begnal and Assam, ସ୍ୱର୍ଗାରୋହଣ ପର୍ବ ପ୍ରଭୃତି ଉଲ୍ଲେଖନୀୟ ଅବଦାନ ପାଇଁ ଦେଶବିଦେଶରେ ବେଶ ଚର୍ଚ୍ଚା ସହିତ ଓଡ଼ିଆ ମାଟି ପାଇଁ ଉଲ୍ଲେଖନୀୟ କୃତି। ଏତଦବ୍ୟତୀତ ଦୁଇଶହରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ବେଶ୍ ପରିଚିତ ହୋଇପାରିଛନ୍ତି। ଅନେକ ସମ୍ମାନରେ ସମ୍ମାନିତ ଡ: ସାହୁ ନୟାଗଡ଼ ଜିଲ୍ଲାର ସାନକିଲୋ ଗ୍ରାମରେ ଜନ୍ମଗ୍ରହଣ କରି ମାତୃଭାଷା, ମାତୃଭୂମି ପାଇଁ ଗୌରବ ଆଣିପାରିଛନ୍ତି।

# ବିପଦରେ ସୋରେନ



ବହୁଚର୍ଚ୍ଚିତ ଲାଭଜନକ ପଦବୀ ମାମଲାରେ ୧୯୫୧ ଲୋକପ୍ରତିନିଧି ଆଇନ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିଶ କରିବା ପରେ ଝାଡଖଣ୍ଡ ସରକାରଙ୍କ ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି ବୋଲି କୁହାଯାଇପାରେ। ନିର୍ବାଚନ କମିଶନଙ୍କ ସୁପାରିଶ ସପ୍ତାହକ ପୂର୍ବରୁ ପହଁଚିଥିବା ସତ୍ତ୍ୱେ ବର୍ତମାନ ସୁଦ୍ଧା ରାଜ୍ୟପାଳ କୌଣସି ପଦକ୍ଷେପ ନେଇ ନଥିବା ବେଳେ ରାଜ୍ୟ ରାଜନୀତିରେ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ ମୁଖ୍ୟମନ୍ତ୍ରୀ ତଥା ଖଣିମନ୍ତ୍ରୀ ଭାବେ ନିଜ ନାମରେ ଏକ ଖଣି ଲିଜ୍ ନେଇଥିବାରୁ ନିର୍ବାଚନ କମିଶନ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ବିଧାୟକ ପଦ ରଦ୍ଦ ଲାଗି ସୁପାରିଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ପୁଣି ଥରେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। କହିବା ବାହୁଲ୍ୟ ଯେ, ୨୦୦୦ ମସିହାରେ ବିହାରଠାରୁ ପୃଥକ ହୋଇ ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟ ଗଠିତ ହେବା ପରେ ବିଗତ ୨୨ବର୍ଷ ମଧ୍ୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ୧୧ ଥର ସରକାର ପରିବର୍ତନ ଘଟିଥିବାବେଳେ ୩ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଝାଡଖଣ୍ଡରେ ମୁଖ୍ୟ ବିରୋଧିଦଳ ବିଜେପି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବାବେଳେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଏବଂ ଆରଜେଡି ମେଂଟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ସୋରେନ ସେମାନଙ୍କୁ ଛତିଶଗଡକୁ ନେଇ ଏକ ହୋଟେଲରେ ରଖିଥିଲେ। ଅବଶ୍ୟ ଆମ ଦେଶରେ ହୋଟେଲ ରାଜନୀତି ନୂଆ ନୁହେଁ। ଏହାର କାରଣ ହେଉଛି ଘୋଡା ବେପାରକୁ ରୋକିବା। କହିବା ବାହୁଲ୍ୟ ଯେ, ମେଂଟ ସରକାର ଏବେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାରେ ଆସ୍ଥାଭୋଟରେ ଜୟଲାଭ କରିଛନ୍ତି। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀ ସୋରେନ ନିଜ ପାଖରେ ଖଣି, ଭୂବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ବିଭାଗ ରଖିଥିବାବେଳେ କ୍ଷମତାର ଦୁରୁପଯୋଗ କରି ନିଜ ନାମରେ ଖଣି ଲିଜ୍ ନେଇଛନ୍ତି। ଏହା ଲୋକପ୍ରତିନିଧି ଆଇନର ଧାରା ୯(୧)ର ଉଲଂଘନ ଏବଂ ବେଆଇନ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଏହା କହିବା ଯଥାର୍ଥ ଯେ, ଆମ ଦେଶରେ ଖଣି ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଖଣି ପଟ୍ଟା ଆବଟଂନରେ କୋଟି କୋଟି ଟଙ୍କାର ଭିତିରି କାରବାର ହୋଇଥାଏ, ଯାହାକି ଦେଶରେ ୨୧୬ଟି କୋଇଲା ଖଣି ଆବଟଂନକୁ କିଛିବର୍ଷ ତଳେ ସୁପ୍ରିମକୋର୍ଟ ରଦ୍ଦ କରିବା ଘଟଣା ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ ଝାଡଖଣ୍ଡ ହେଉଛି ମୂଲ୍ୟବାନ ଖଣିଜ ଭଣ୍ଡାରର ରାଜ୍ୟ। ଦେଶର ୪୦ ପ୍ରତିଶତ ଖଣିଜ ପଦାର୍ଥ ଏବଂ ୩୦ ପ୍ରତିଶତ କୋଇଲା ମହଜୁଦ ରହିଛି। କିନ୍ତୁ ଏହି ଖଣିଜ ସମ୍ପଦରେ ଭରପୁର ରାଜ୍ୟର ବହୁ ସମୟରେ ଖଣି ଦୁର୍ନୀତିକୁ ନେଇ ଦୁର୍ନାମ ରହିଛି। ଯାହାକି ରାଜ୍ୟରେ ରାଜନୈତିକ ଅସ୍ଥିରତାର ମୁଖ୍ୟ କାରଣ ହୋଇଛି। ଅତୀତରେ ୨୦୦୬ରୁ ୨୦୦୮ ମସିହା ମଧରେ ରାଜ୍ୟରେ କୋଇଲା ବ୍ଲକ ଆବଟଂନରେ ବ୍ୟାପକ ଦୁର୍ନୀତି ମାମଲାରେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲା। ମଧୁ କୋଡା ୩୩୪ କୋଟି ଟଙ୍କା ଖଣି ଦୁର୍ନୀତିରେ ଲିପ୍ତ ଥିବା ସିବିଆଇ ତଦନ୍ତରୁ ଜଣାପଡିଥିଲା। ରାଜ୍ୟରେ ଖଣି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସୋରେନ ରାଜ୍ୟବାସୀଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲେ। କହିବା ବାହୁଲ୍ୟ ଯେ, ଝାଡଖଣ୍ଡ ବିଜେପିର ଏକ ଦୁର୍ଗ ଭାବେ ପରିଚିତ ଥିବାବେଳେ ବିଜେପିକୁ କ୍ଷମତାଚ୍ୟୁତ କରି ଜେଏମଏମ କ୍ଷମତା ହାତେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ନାମରେ ରହିଥିବା ଖଣି ମାଫିଆ ଆଖ୍ୟାକୁ ସବୁଦିନ ପାଇଁ ବନ୍ଦ କରିବା, ଖଣି ଅଂଚଳରେ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବାକୁ ଖଣି ଅଂଚଳରେ କ୍ୟାମେରା ଲଗାଇବା ଏବଂ ଖଣି ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ ପାଇଁ ନିଃଶୁଳ୍କ ଟେଲିଫୋନ ନମ୍ବର ଜାରି ରଖିବା ପାଇଁ ଭୋଟଦାତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସୋରେନ ଶେଷରେ ଖଣି ଦୁର୍ନୀତିରେ ଛନ୍ଦି ହୋଇଯାଇଛନ୍ତି। ଅବଶ୍ୟ ଖଣି ପଟା ଫେରାଇ ଦେଇଥିବା ସୋରେନ କହିଛନ୍ତି। ସେ ଖଣି ପଟା ଫେରାଇ ଦେବା ଯଦି ସତ୍ୟ ହୋଇଥାଏ, ସ୍ୱାଗତଯୋଗ୍ୟ। କିନ୍ତୁ ତାଙ୍କ ନାମରେ ଉଠିଥିବା କଳଙ୍କର ଅଧାୟ ତଥା ବେଆଇନ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଲୋକପ୍ରତିନିଧି ଆଇନ ଅନୁଯାୟୀ ଲାଭଜନକ ପଦବୀ ମାମଲାରେ ସୋରେନ ଯଦି ଆଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ସଭ୍ୟପଦ ହରାଇବା ନିଶ୍ଚିତ। କାରଣ ଆମ ଦେଶରେ ଲାଭଜନକ ପଦବୀ ମାମଲାରେ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ହେବା ନୂଆକଥା ନୁହେଁ। ଅତୀତରେ ବହୁ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ବହୁ ନଜିର ରହିଛି। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ସୋରେନ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିପଦ ଟାଣି ଆଣିଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ଦଳ ଓ ସହଯୋଗୀମାନେ ମିଳିତ ନିଷ୍ପତି ନେବାର ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ତାଙ୍କର ଇସ୍ତଫା ମେଂଟ ସରକାରଙ୍କ ପାଇଁ ଏକ ଏସିଡ ଟେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୦, ୨ମୋବାଇଲ ନଂ- ୯୪୩୭୯୯୪୩୭୯**

# ପ୍ରତାପନଗରୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଫୁଲନଖରା (ପିଏନ୍)-ସିଏମସି ୫୮ନମ୍ବର ୱାର୍ଡ଼ ପ୍ରତାପନଗରୀ ଦୁର୍ଗା ପୂଜା କମିଟିର ଦଶହରା ଉତ୍ସବ ନିମନ୍ତେ ମାଟି ଅନୁକୂଳ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ପ୍ରକାଶ ସ୍ୱାଇଁ ଓ ମରୁତ ସ୍ୱାଇଁଙ୍କ ସମେତ ପୂଜକ ଧିରେନ୍ଦ୍ର ପାଢ଼ୀ, ରବିନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ଶୁଭ୍ରଜିତ ମହାପାତ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ନିକଟସ୍ଥ କୁଆଖାଇ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ମାଟି ଅନୁକୂଳ କରିଥିଲେ। ପରେପରେ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଶୋଭାଯାତ୍ରା ସହକାରେ ଏହି ଅନୁକୂଳ ମାଟି ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମା'ଦୁର୍ଗାଙ୍କ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ନାରାୟଣ ରାଉତ, ଅରୁଣ ରାଉତ, ରୋହିତ ସ୍ୱାଇଁ, ରଂଜିତ ସ୍ୱାଇଁ (କୁନୁ), ମାଧବ ଜେନା ଓ ବିକ୍ରମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୋମନାଥ ଜେନା, ଦୁଷ୍ମନ୍ତ ଜେନା, ବିଶ୍ୱଜିତ ଜେନା, ସଚିନ ରାଉତ, ଦିଲୀପ ରାଉତ, ସିବୁ ସ୍ୱାଇଁ, ବିକାଶ ବେହେରା, ଲକି ଜେନା, ନରେନ୍ଦ୍ର ରାଉତ, ସୁମନ ଜେନା ଓ ବର୍ଣ୍ଣି ଜେନା ପ୍ରମୁଖ ସଦସ୍ୟଗଣ ସହଯୋଗ କରିଥିଲେ।

# ଚାରିଜଣ ଖୋ-ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର (ପିଏନ୍)-ମହାରାଷ୍ଟ୍ର ପୁନେରେ ଅନୁଷ୍ଠିତ ଜାତୀୟ ସ୍ତରର ଖୋ-ଖୋ ଟୁର୍ଣ୍ଣାମେଣ୍ଟ 'ଅଲଟିମେଟ୍' ଖୋ-ଖୋ-ସିଜନ-୧ରେ ଚମ୍ପିଆନ ହୋଇଥିବା ଓଡ଼ିଶା ଦଳରେ ସାମିଲ ହୋଇଥିବା ବାଲେଶ୍ୱରର ୪ଜଣ ଖେଳାଳୀଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଛନ୍ତି। ଏହି କୃତି ଖେଳାଳୀ ମାନେ ହେଲେ ଜଗନ୍ନାଥ ମୂର୍ମୁ, ସିଦେଶ୍ୱର ଟୁଡୁ, ସୁକାନ୍ତ ସିଂ, ଲିପୁନ ମୁଖୀ, କୋଚ ମଳୟ ରଞ୍ଜନ ବେହେରାଙ୍କ ସହ ଏହି ଖେଳାଳୀ ମାନେ ବାଲେଶ୍ୱର ରେଳଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କୋଚ ଶ୍ରୀ ବେହେରାଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ଖେଳାଳୀଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହ ସେମାନଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ଅଭୟ ମହାପାତ୍ର, ସହ-ସାଧାରଣ ସଂପାଦକ ପଦ୍ମଲୋଚନ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ ଓ ଜଗଦୀଶ ବେହେରା, ସାଦ୍ଦିକ ଅଲ୍ଲି, ପ୍ରଦୀପ କୁମାର ଦାସ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗଙ୍ଗା ମନ୍ଦିର ପରିସରରେ ଜିମ ନିର୍ମାଣକୁ ନେଇ ତୀବ୍ର ବିରୋଧ କଲେ ସ୍ଥାନୀୟ ବାସିନ୍ଦା



ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକା ଅନ୍ତର୍ଗତ ଷଣ୍ଢକୁଦ ବସ୍ତିର ୧୯ ନମ୍ବର ୱାର୍ଡ ସ୍ଥିତ ଗଙ୍ଗା ମନ୍ଦିର ପରିସରରେ ଏକ ଖୋଲା ବ୍ୟାୟାମ ଶାଳା ବା ଜିମ ନିର୍ମାଣକୁ ନେଇ ସାଧାରଣରେ ତୀବ୍ର ବିରୋଧ କରାଯାଇଛି । ଦୀର୍ଘ ୨୫ ବର୍ଷର ଊର୍ଦ୍ଧ ସମୟ ଧରି ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀ ଗଙ୍ଗାଦେବୀ ପୂଜା ପାଇ ଆସୁଥିବା ଏବଂ ତାଙ୍କ ଜାଗାରେ ବିଭିନ୍ନ ପର୍ବପର୍ବାଣୀ ସମେତ ଧାର୍ମିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ । ତେବେ ମୁକ୍ତା ଯୋଜନାରେ ଆସିଥିବା କିଛି ଅନୁଦାନ ସହାୟତାରେ ସେଠାରେ ପୌରପାଳିକା ପକ୍ଷରୁ ଏକ ଓପନ ଜିମ ପାଇଁ ଶୁଭ ଦିଆଯିବା ଘଟଣାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇଛି । ସୂଚନାଥାଉକି ଏହି ଜାଗାଟି ପାରାଦୀପ ବନ୍ଦର ଅଧିନସ୍ଥ ଭୁସମ୍ପଦ ବିଭାଗର ୧୪୬୭ ଟୋକନ ନମ୍ବର ଅ'ର୍ଗତ ଠାକୁରାଣୀ ଓ ସର୍ବସାଧାରଣ ବ୍ୟବହାର ନିମର୍ଂ ଉଦ୍ଦିଷ୍ଟ ଥିବାବେଳେ ଏପରି ବେଆଇନ ନିର୍ମାଣକୁ ବିରୋଧ କରିଛର୍ଂ ସ୍ଥାନୀୟ ବାସିନ୍ଦା । ତେବେ ଏ ବାବଦରେ ସେଠାକାର ବାସିନ୍ଦା ମାନେ ବୁଧବାର ଦିନ ପୌରାଧ୍ୟକ୍ଷ ବସ' ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରାଇ ଏହି ବ୍ୟାୟାମ ଶାଳାକୁ ଅନ୍ୟତ୍ର ନିର୍ମାଣ କରିବାକୁ ନିବେଦନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛର୍ଂ । ତେବେ ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକଲେ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ଏକଦିବସୀୟ ଧର୍ମଘଟ

ନୂଆପଡ଼ା:(ବିରବଲ ପ୍ରଧାନ), (ପି.ଏନ):- ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ସିନାପାଲି ଉପ ଡାକଘର ର ସମସ୍ତ ଶାଖା ଡାକଘର ର ଡାକ ମାଷ୍ଟର ଙ୍କ ମିଳିତ ଉଦ୍ୟମ ରେ ଏକ ଦିବସୀୟ ଧର୍ମଘଟ ଅନୁଷ୍ଠିତ ହୋଇ ଯାଇଛି । ଏହି ଧର୍ମଘଟ ରେ ବିଭିନ୍ନ ଦାବି ନେଇ ନିଜ ଉପଡ଼ାକଘର ସାମ୍ନା ରେ ଧାରଣା ରେ ବସିଛନ୍ତି। ଦାବି ଗୁଡ଼ିକ ହେଲା : ଗ୍ରାମୀଣ ଡାକ ସେବକ ମାନଙ୍କୁ ୫ ଘଣ୍ଟା ପରିବର୍ତ୍ତ ? ୮ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ କରା ଯାଉ,ଗ୍ରାଚ୍ୟୁଟି ୧.୫ ଲକ୍ଷ୍ୟ ପରିବର୍ତ୍ତ ? ୫ ଲକ୍ଷ୍ୟ ପ୍ରଦାନ କରା ଯାଉ, ଝ.ଉ.ଈ.ଝ ଦେୟ ୩% ପରିବର୍ତ୍ତ ? ୧୦% କରା ଯାଉ, ଏମିତି ଆଉ ବିଭିନ୍ନ ଦାବି ନେଇ ଧାରଣା ରେ ବସିଛନ୍ତି। ଏହି ଧାରଣା ରେ ସିନାପାଲି ଗ୍ରାମୀଣ ଡାକ ସେବକ ସଂଘ ସଭାପତି ଶ୍ରୀଯୁକ୍ତ ହରକିଶୋର ଦଣ୍ଡସେନା ଙ୍କ ସମେତ ନବକୃଷ୍ଣ ପ୍ରଧାନ , ଭୂତନାଥ ମାଝୀ, ଜଗମୋହନ ବାଗ, ଦୁର୍ଯ୍ୟୋଧନ ଗୁଆଲ ଏବଂ ଯୁବ ଡାକ କର୍ମଚାରୀ ନରେଶ କୁମାର ସା , ଦୀପକ ନାଏକ , ଜ୍ଞାନରଞ୍ଜନ ରଣା , କୈଳାସ ଧରୁଆ, ଯଦୁମଣି ଲୋହାର , ଚିନ୍ମୟ ନାଗ ପ୍ରମୁଖ ସମସ୍ତ ଡାକ କର୍ମଚାରୀ ଧାରଣା ରେ ଯୋଗ ଦେଇଥିଲେ।

# ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଦାବି ନେଇ ରାସ୍ତାରୋକ

କୋଣାର୍କ,(ପି.ଏନ) କୋଣାର୍କ ସମେତ ନିକଟସ୍ତ ୧୦ଟି ମୌଜାର ଜମିଜମା ସମସ୍ୟା ସମାଧାନ ଓ ସ୍ଥାୟୀ ପଟ୍ଟା ପ୍ରଦାନ ଦାବୀକୁ ନେଇ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବୀ ହୋଇ ଆସୁଛି । ହେଲେ ଏହି ସମସ୍ୟା ଏଯାବତ୍ ସମାଧାନ ହୋଇ ପାରିନାହିଁ। ଏହି ଘଟଣାକୁ ନେଇ କମିଟିର ପ୍ରଜାମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ବୁଧବାର ପୂର୍ବାହ୍ନରେ କମିଟି ପକ୍ଷରୁ କଲେଜ ଛକ ନିକଟରେ ରାସ୍ତାରୋକ କରିଥିଲେ। ପୂର୍ବରୁ ଏନେଇ ଜିଲ୍ଲାପାଳ ଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି। କୋଣାର୍କ ଅଂଚଳରେ ଜମିଜମା ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହି ସମସ୍ୟା ଯୋଗୁ କୋଣାର୍କ ମୌଜା ସମେତ ମାଧିପୁର, ବେରୁଂହ, ସୂତନ, ତରକୋର, ଖାଲକଟାପାଟଣା, ଗଡବାଙ୍ଗର, ବାଙ୍ଗରବରପଦା, ଭୂଆଁ ଆଦି ମୌଜାରେ ଜମିଜମା ସମସ୍ୟା ପାଇଁ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକ ମାନଙ୍କର ମାଲିକାନା ସତ୍ୱକୁ ଖାରଜ କରାଯାଇ ସରକାରୀ ଖାତାରେ ରହିବା ଫଳରେ ପୁରୁଷାନୁକ୍ରମେ ଭୋଗ ଦଖଲରେ ଥିବା ବାସିନ୍ଦା ମାନେ ଭିଟାମାଟି ହରେଇବା ଆଶଙ୍କା ସୃଷ୍ଟି ହୋଇଛି। ରାଜସ୍ୱ ବିଭାଗର ଏପରି ଅବିଚାର ବିରୋଧରେ ଭୂ - ସୁରକ୍ଷା କମିଟି ପକ୍ଷରୁ ଆନ୍ଦୋଳନ କରଯାଇଛି। ଜମିଜମାର ସମସ୍ୟା ଯୋଗୁଁ ଏହି ଅଞ୍ଚଳର ବାସିନ୍ଦା ମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ, ସଚିବ, ଆରକ୍ଷୀ ଅଧିକ୍ଷକ ଓ ତହସିଲଦାରଙ୍କ ସମେତ ଉଚ୍ଚପଦସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ତେଣୁ କମିଟି ପକ୍ଷରୁ କୋଣାର୍କ ଅବରୋଧ କରିବା ନିଷ୍ପତି ନିଆଯାଇଥିବା ନେଇ କମିଟି ପକ୍ଷରୁ ସୁଚ଼ନା ଦିଆଯାଇଛି। ଆଜିର ଏହି ରାସ୍ତାରୋକ ସମୟରେ କୋଣାର୍କ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୬ତାରିଖରେ କୋଣାର୍କ ଯାତ୍ରୀ ନିବାସରେ ସ୍ଥାନୀୟ ଲୋକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇ ନିଷ୍ପତି ନିଆଯିବ ବୋଲି ସୁଚ଼ନା ମିଳିବା ପରେ ଆନ୍ଦୋଳନକାରୀ ମାନେ ରାସ୍ତା ଅବରୋଧ ସ୍ତଗିତ ରଖିଥିଲେ। ଏହି ରାସ୍ତା ଅବରୋଧ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ସୁକାନ୍ତ କୁମାର ମହାନ୍ତି, ବରିଷ୍ଠ ସିପିଆଇ ନେତା ପ୍ରଦୀପ୍ତ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଭାସ୍କର ବେହେରା, ନିରଞ୍ଜନ ସାହୁ, ମୁରଲୀ ବେହେରା, ସୁରେଶ୍ ମୁଦୁଲି, ସୁଜାତା ବିଶ୍ୱାଳ, ଜ୍ଞାନ ନାୟକ ଓ ଫକିର ବାବୁ ପ୍ରମୁଖ ସହଯୋଗ କରିଥିଲେ

## ଖପ୍ରାଖୋଲରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ପ୍ରତିଯୋଗିତା

ଖପ୍ରାଖୋଲ ,(ପିଏନ) ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବନ ବିଭାଗ ତରଫରୁ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଅବସରରେ ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ବକୃତା ଓ ଚ଼ିତ୍ରାଙ୍କନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ର ଅଧ କ୍ଷା ଦମୟନ୍ତୀ ମହାରଣା, ହରିଶଙ୍କର ବନପାଳ ସନ୍ଧ୍ୟାରାଣି ସେଠ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବନରକ୍ଷୀ ସଞ୍ଜୀବ ପ୍ରଧାନ, ରାଜେନ୍ଦ୍ର ଧରୁଆ, ତହସିଲ ବାଗ, ଆଶିଷ ପଟେଲ ସମେତ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ। ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀଙ୍କୁ ଆଗାମୀ ବନ୍ୟପ୍ରାଣୀ ସୁରକ୍ଷା ଦିବସ ରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାଯାଇଛି।

## ସରକାରଙ୍କ ମାଲମାଲ ଯୋଜନା, ବେସାହାରା ବିଧବା ନୈକେଶିଙ୍କୁ ମିଳିନି ସରକାରୀ ସହାୟତା

ନୂଆପଡ଼ା:(ବିରବଲ ପ୍ରଧାନ),(ପି.ଏନ); ସାଧାରଣ ଜନତାଙ୍କ ନ୍ୟାର୍ଯ୍ୟ ଅଧିକାର କୁ ଜଣାଇବା ଓ ଯୋଗାଇବା ପାଇଁ ଅନେକ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟରତ ଅଛନ୍ତି,ହେଲେ ବିଭାଗୀୟ ଅଧିକାରୀ ମାନେ ଜଣେ ବିଧବା ମହିଳାଙ୍କୁ ତାଙ୍କ ସରକାରୀ ଯୋଜନା ଯୋଗାଇଦେବା ପାଇଁ ଅଣଦେଖା କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ବୋଡ଼ ?ନ ବ୍ଲକ ଫରସରା ପଞ୍ଚାୟତ ପଳସାମାଲ ଗ୍ରାମର ନୂଆପରା ରେ । ସୂଚ଼ନା ଅନୁସାରେ ଉକ୍ତ ଗ୍ରାମର ସ୍ୱର୍ଗତ ଗଦାଧର ରାଉତ ଗତ ୨୦୨୨ ସେପ୍ଟେମ୍ବର ମାସ ୧୩ ତାରିଖ ଦିନ କୌଣସି କାରଣ ବଶତଃ ମୃତ୍ୟୁବରଣ କରିଥିଲେ ।ବର୍ତ୍ତମାନ ତାଙ୍କ ବିଧବା ପତ୍ନୀ ନୈକେଶି ରାଉତ ଓ ଏକମାତ୍ର ବଢିଲା ଝିଅ ସତମତି ରାଉତ ବେସାହାରା ଭାବରେ ଦିନ କାଟୁଛନ୍ତି ।ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ଝିଅ ଙ୍କୁ କଲେଜ ରେ ପାଠ ପଢ଼ାଇବାର ସ୍ୱପ୍ନ ଥିଲା,ହେଲେ ଅର୍ଥାଭାବରୁ ଝିଅ ପଢିବ କେମିତି ?ତାଙ୍କ ପରିବାରକୁ ସରକାରଙ୍କ ସହଯୋଗ କହିଲେ କେବଳ ଦଶ କେଜି ଚ଼ାଉଳ ।ସ୍ୱାମୀର ମୃତ୍ୟୁର ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବାପରେ ମଧ ନୈକେଶି ଙ୍କୁ ନା ମିଳିଛି ଜାତୀୟ ପରିବାର କଲ୍ୟାଣ ଯୋଜନା ସହାୟତା,ନା ମିଳୁଛି ବିଧବା ଭତ୍ତା ।

## ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ନିମନ୍ତେ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,(ପି.ଏନ): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡାରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜୋନ୍ ନଂ ୫ ଓ ଜୋନ୍ ନଂ ୭ ର ଏକ ମିଳିତ ପ୍ରସ୍ତୁତି ବୈଠକ ଗରାପୁର କଂଗ୍ରେସ କାର୍ଯ୍ୟାଳୟ ଠାରେ ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଚଳିତ ଅକ୍ଟୋବର ୦୮ରେ ଜୋନ୍ ନଂ ୭ ଓ ଅକ୍ଟୋବର ୧୩ ରେ ଜୋନ୍ ନଂ ୫ ରେ ଏହି କାର୍ଯ୍ୟକ୍ରମ ପଦଯାତ୍ରା ସହ ଏହି କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପ ି ନିଆଯାଇଛି । ପଦଯାତ୍ରାରେ ଲୋକ ସମ୍ପର୍କ ପ୍ରତିଷ୍ଠା କରିବା ଓ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ବହୁବିଧ ବିଫଳତା ବାବଦରେ ଲୋକମାନଙ୍କୁ ଅବଗତ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବୈଠକରେ ଯୋଗଦେଇ କହିଥିଲେ ଯେ ନିରବଚ୍ଛିନ୍ନ ଉଦ୍ୟମ, ଐକ୍ୟବଦ୍ଧ ଉଦ୍ୟମ ଓ ନିଷ୍ଠାପର ଉଦ୍ୟମ ବଳରେ 'ଆମେ ବିଧାନସଭା' ଯିବାର ଆହ୍ୱାନକୁ ସଫଳ କରାଯାଇ ପାରିବ । ସମସ୍ତ ବନ୍ଧୁମାନେ ଏଥିପ୍ରତି ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହେରା ନିର୍ବାଚନ ଠାରୁ ନିର୍ବାଚନ ପ୍ରସ୍ତୁତି ସମୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏବେଠାରୁ କେନ୍ଦ୍ରାପଡାରେ ସମସ୍ତ ଦଳୀୟ କାର୍ଯ୍ୟକ୍ରମ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ମତ ଦେଇଥିଲେ । ବ୍ଲକ କଂଗ୍ରେସ ସଭାପତି ଚିତ୍ରେସେନ ପରିଡା ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ପ୍ରତ୍ୟେକ ଜୋନ୍‌ରେ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପିସିସି ସଭ୍ୟ ପ୍ରଫୁଲ ଦାସ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ପୂର୍ବତନ ବ୍ଲକ ଚେୟାରମ୍ୟାନ କଳାକାର ମଲ୍ଲିକ, କେନ୍ଦ୍ରାପଡା ବ୍ଲକ କଂଗ୍ରେସ ଦଳୀୟ ସଭାପତି ପ୍ରଭାତ କୁମାର ଉଡାଣ ସିଂ, ବରିଷ୍ଠ ଦଳୀତ ନେତା ବସନ୍ତ କୁମାର ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପଲାଇ, ପୂର୍ବତନ ସରପ ପ୍ରଶାନ୍ତ କୁମାର ବିଶ୍ୱାଳ, ପୂର୍ବତନ ସରପ ରାଜନ ଥାଟୋଇ, ବରିଷ୍ଠ କଂଗ୍ରେସ ନେତା ଶେଖ ମନାନ, କଂଗ୍ରେସ ନେତା ଅକ୍ଷୟ କୁମାର ଦାସ, ଦଳୀତ ନେତା ସରୋଜକାନ୍ତ ମଲ୍ଲିକ, ପ ାୟତ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ଯୁବ ନେତା ନିର୍ମଳ ଚନ୍ଦ୍ର ସାହୁ ଓ ପ ାୟତ ସଭାପତ ସଚିଦାନନ୍ଦ ନାୟକ ବକ୍ତବ୍ୟ ରଖି ଉଭୟ ଅକ୍ଟୋବର ୮ ଓ ୧୩ କାର୍ଯ୍ୟକ୍ରମ ସଫଳ ନିମନ୍ତେ ସମସ୍ତ ଉଦ୍ୟମ କରିବାକୁ ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଦିଲ୍ଲୀପ କୁମାର ରାଉତ, ପିତାମ୍ବର ଜେନା, ସୁକଦେବ ରାଉତ, ଜଗମୋହନ ସାହୁ, ମନୋଜ ମହତାବ, ଚନ୍ଦ୍ରଶେଖର ଜେନା, ଡିସେମ୍ବର ଦାସ, ଚନ୍ଦ୍ରଭାନୁ ପାତ୍ର, ଭରତ ଚନ୍ଦ୍ର ମହାନ୍ତି, ପ୍ରକାଶ ଚନ୍ଦ୍ର ପରିଡା, ପ୍ରତାପ ଚନ୍ଦ୍ର ଜେନା, ଶେଖ ନିଶାର, ସ୍ମୃତିରଞ୍ଜନ ପାତ୍ର, ଅଙ୍କୁର ଚରଣ ଦାସ ଓ ଶେଖ ମନିର ଯୋଗଦେଇ ଅନୁକୂଳ ମତ ରଖିଥିଲେ । କୋର ପ ାୟତର ରଞ୍ଜିତ କୁମାର ବାରିକ ଓ ଭାଙ୍ଗପଡା ପ ାୟତର ସ୍ମୃତିରଞ୍ଜନ ପାତ୍ର ନାମକ ଦୁଇ ଯୁବ ବନ୍ଧୁ ନୂଆକରି କଂଗ୍ରେସରେ ସାମିଲ ହୋଇଥିଲେ ।



Bhubaneswar Thursday October 05, 2023 ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ପୁରୀରେ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପାଳିତ

ପୁରୀ,୦୪।୧୦(ପି.ଏନ):ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ସଭା ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସୁମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଆଇ.ଏମ.ଏମ.ଟି.ସି ଏସ.ଆଇ.ଆର ଡଃ ରାମାନୁଜ ନାରାୟଣ ତାଙ୍କ ବକ୍ତବ୍ୟରେ ବିଶ୍ୱ ମହାକାଶ ସପ୍ତାହ ପାଳନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଉ ମଧ ସଂସ୍କୃତ ଭାଷାର ମହତ୍ୱ ପ୍ରତିପାଦନ କରି କହିଲେ,ସଂସ୍କୃତ ଭାଷା ବହୁ ପୁରାତନ ଏବଂ ବେଦ ବେଦାନ୍ତ ସବୁ ସଂସ୍କୃତ ଭାଷାରେ ଲିଖିତ ହୋଇଛି। ଅନ୍ୟତମ ମୁଖ୍ୟ ଅତିଥି ଉପ ନିର୍ଦ୍ଦେଶକ ସତିଶ ଧାୱନ ସ୍ପେସ ସେଟଂର(ଇସ୍ରୋ) ଶ୍ରୀହରୀକୋଟା ଶ୍ରୀ ସୁନିଲ ପି ତାଙ୍କ ବକ୍ତବ୍ୟରେ ଚନ୍ଦ୍ରଯାନ-୩ର ସଫଳ



ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଆଦିତ୍ୟ-ଏଲ-୧ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ରବିନ୍ଦ୍ର କୁମାର ପଣ୍ଡା ମହାକାଶ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ବିଶ୍ୱ ମହାକାଶ ସପ୍ତାହ ପାଳନର କମିଟି ଅଧକ୍ଷ ଅମିତାଭ ମହାନ୍ତି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆଜିର ଦିନରେ ଚନ୍ଦ୍ରଯାନ-୩ର ସଫଳତା ସମ୍ପର୍କରେ ବୁଝାଇଥିଲେ। ମହାକାଶ ସପ୍ତାହ ପାଳନ କମିଟି ପକ୍ଷରୁ ମଟାଂସୀନ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉପ-ନିର୍ଦ୍ଦେଶକ ସତିଶ ଧାୱନ ସ୍ପେସ ସେଟଂର ଶ୍ରୀହରୀକୋଟା ନାମରେ ଏକ ପତ୍ରିକାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଶେଷରେ ଉପସ୍ଥିତ ଶିକ୍ଷକ,ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ସତିଶ ଧାୱନ ଏବଂ ଦେବାଶିଷ ମହାପାତ୍ର ପ୍ରମୁଖ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଟୁଖା ଦୋକାନରେ ଅଚାନକ ଚଢଉ;ଜୋରିମାନା ଆଦାୟ

ପୁରୀ,୦୪।୧୦(ପି.ଏନ):୨୦୧୩ ମସିହାରୁ ରାଜ୍ୟ ସରକାର ଗୁଟୁଖା ଉତ୍ପାଦନ,ଗଚ୍ଛିତ ଏବଂ ବିକ୍ରି ଉପରେ କଟକଣା ଜାରୀ କରିଛନ୍ତି। କିନ୍ତୁ କଟକଣା ସତ୍ତ୍ୱେ ବନ୍ଦ ହେଉନି ଗୁଟୁଖା ଉତ୍ପାଦନ କିମ୍ବା ବିକ୍ରି। କିଛି ତଳିଆ କର୍ମଚାରୀଙ୍କୁ ହାତ କରି ସବୁକିଛି ଖୁଲମଖୁଲା ଚାଲିଛି। ୧୮ବର୍ଷରୁ କମ ବୟସର ପିଲାମାନଙ୍କୁ ତମାଖୁ ଜନିତ ପଦାର୍ଥ ବିକ୍ରି ନ କରିବା ପାଇଁ ସରକାର କଟକଣା ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ୪ତାରିଖ ଦିନ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ମ୍ୟୁନିସପାଲଟି ଅଚଂଳର ବିଭିନ୍ନ



ଶିକ୍ଷାନୁଷ୍ଠାନ ଅଚଂଳରେ ଥିବା ବିଭିନ୍ନ ଦୋକାନରେ ଚଢଉ କରାଯାଇଥିଲା। ଚଢାଉ ବେଳେ ବିଭିନ୍ନ ପାନ ମସଲା ଦୋକାନରୁ ଗୁଟୁଖା ଜବତ କରିବା ସହ ୩ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯାଇଥିଲା। କେବଳ ରାସ୍ତା ପାର୍ଶ୍ୱ ଛୋଟ ଦୋକାନ ଉପରେ ଚଢଉ କରାଯାଇଥିଲା ବେଳେ,ଲକ୍ଷ ଲକ୍ଷ ଟଙ୍କାର ଗୁଟୁଖା ଗଚ୍ଛିତ ରଖିଥିବା ବଡ ବ୍ୟବସାୟୀ ଗୋଦାମରେ କୌଣସି ଚଢଉ କରାଯାଇ ନଥିବା ଜଣାପଡିଛି। ଏହି ଚଢାଉ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ମିଶ୍ର,ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ,କୁମ୍ଭାରପଡା ଥାନାଧିକାରୀ,ଜିଲ୍ଲା ତମାଖୁ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବିଶ୍ୱାଳ ଭାଗ ନେଇଥିଲେ। ଗୁଟୁଖା ବେପାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ନିକଟରେ ଗୁଟୁଖା ବିକ୍ରି କରିବାର ଦେଖାଦେଲେ,ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚଢଉରେ ସାମିଲ ଅଧିକାରୀମାନେ ଚେତାବନୀ ଦେଇଥିଲେ।

# ବିଜୁ ଫୋରୱେ ରାସ୍ତା ଅବରୋଧ କରିବା ସହ ଚକ୍କ ଅଖ ବନ୍ଦ କରିଲେ ଆନ୍ଦୋଳନକାରୀ

ଗୋଲାମୁଣ୍ଡା (ପି.ଏନ) : ଧର୍ମଗଡ଼ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବୀ କରି ଦୀର୍ଘ ୩୭ ଦିନରୁ ଧର୍ମଗଡ଼ ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟି ଆନ୍‌ଦୋଳନ କରିଆସୁଛି । ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଂଗଠନ, ବିଭିନ୍ନ ସମାଜ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଧାରଣାରେ ସାମିଲ ହୋଇ ନିଜ ସମର୍ଥନ ଦେଇଆସୁଛନ୍ତି । ଦିନକୁ ଦିନ ଆନ୍‌ଦୋଳନ ଓ ଜନସମର୍ଥନ ବଢି ଚାଲିଛି । ଏହି ପରିପ୍ରେକ୍ଷୀରେ ଆଜି ଧର୍ମଗଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ସକାଳ ୬ ରୁ ସନ୍ଧ୍ୟା ୬ ଦୀର୍ଘ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଏବଂ ଏହି ବନ୍ଦ ଡାକରାକୁ ଧର୍ମଗଡ଼ ଉପଖଣ୍ଡରେ ଥିବା ଅନେକ ବ୍ଲକ ପୂର୍ଣ୍ଣ ସମର୍ଥନ କରିଥିବା ଦେଖିବାକୁ ମିଳିଛି । କେବଳ ଜୁନାଗଡ଼ ବ୍ୟତୀତ ପ୍ରାୟ ସମସ୍ତ ବ୍ଲକ ବନ୍ଦ ଡାକରା ଦେଇଥିବା ବେଳେ ଗୋଲାମୁଣ୍ଡା ବ୍ଲକରେ ମଧ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ଦିଆଯାଇଥିବା ଦେଖିବାକୁ ମିଳିଛି । ବନ୍ଦ ଡାକରା ଯୋଗୁ ସକାଳ ୬ ରୁ ସନ୍ଧ୍ୟା ୬ ଘଟିକା ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ଏବଂ ଦୋକାନ ବଜାର ଆଦି ଅଧିକାଂଶ ଜାଗାରେ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଗୋଲାମୁଣ୍ଡାର ସିନାପାଲି ରୁ ଧର୍ମଗଡ଼କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ କୁ ଆନ୍‌ଦୋଳନକାରୀ ମାନେ ଅବରୋଧ କରିବା ଫଳରେ ରାସ୍ତା ଉପରେ ଅନେକ ଗାଡ଼ିମଟର ଅଟକି ରହିଥିଲା । ଏବଂ ଯାନବାହନ ଚଳାଚଳ ରାସ୍ତାରୋକ ଯୋଗୁ ଠପ୍ ହୋଇଯାଇଥିଲା । ଏହି ବନ୍ଦ ଡ଼ାକରାରେ ଗୋଲାମୁଣ୍ଡା ବ୍ଲକର ନାଗରିକ ମଞ୍ଚ ତରଫରୁ ସାଉଲ ମଙ୍ଗରାଜ,ବୃଷଭ ନାଏକ, ମୁନିଆ ସିପକା, ପ୍ରଦିପ କୁମାର ପଣ୍ଡା, ପ୍ରଶନ୍ନ ରାଉତ, ଶ୍ୟାମସୁନ୍ଦର ଅଗ୍ରୱାଲ, ନକୁଳ ବିଶି, ଅମରେନ୍ଦ୍ର ସିଂ,ବିଦ୍ୟାଧର ରାଉତ, ଲକ୍ଷ୍ମଣ ରାଉତ,ଜନ୍ମଜୟେ ମାଝୀ, କିରଣ ପ୍ରଧାନୀ, ସମିର ସାହୁ, ଉପେନ୍ଦ୍ର ସିପକା, ବବୃ ସେନାପତି, ଗୋଲାମୁଣ୍ଡା

# ସିତମ ଇଂଜିନିୟରିଂ କଲେଜ ରେ ସାଇବର ଅପରାଧ ଉପରେ ସଚେତନତା କାର୍ଯ୍ୟକ୍ରମ

ସେମିଳିଗୁଡା,(ପି.ଏନ): ପୋଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯକ୍ରମ ହାତ କୁ ନେଇ ଲୋକ ଙ୍କୁ ସଚେତନତା ସୃଷ୍ଟି କରୁଛନ୍ତି ।ସେମିଳିଗୁଡା ପୋଲିସ ଦ୍ୱାରା ସେମିଳିଗୁଡା ର ସିତମ ଇଂଜିନିୟରିଂ କଲେଜ ରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରା ଯାଉଛି ।ସିତମ ଇଂଜିନିୟରିଂ କଲେଜ ଅଧକ୍ଷ କ୍ରିଷ୍ଣା ସିଂହ ମୁଖ୍ୟ ଅଥିତି ବାଭେ ଯୋଗ ଦେଇ କାର୍ଯକ୍ରମ କୁ ଆରମ୍ଭ କରି ଥିଲେ ।ଲୋକ ସଚେତନା ହେଲେ ସାଇବର ଅପରାଧ ହାଇପରିବେ ବୋଲି ମତ ଦେଇଥିଲେ ।ସୁନାବେଡା ଏସ ଡି ପି ଓ ମନୋଜ କୁମାର ବେହେରା ଦେଶ ତଥା ରାଜ୍ୟ ରେ ସାଇବର ସମ୍ପର୍କିତ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସାଇବର ଠକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସତ୍ତ୍ୱେ, ଦେଶର ସବୁ ସ୍ଥାନରେ ସାଇବର କ୍ରାଇମ ମାମଲା ବଢ଼ିବାରେ ଲାଗିଛି। ସଚେତନତା ର ଅଭାବ ହେତୁ ଏହାର ଏକ ପ୍ରମୁଖ କାରଣ ହୋଇଥିବାରୁ ଦୁଃଖ ପ୍ରକାଶ କରି, ଏହି ଦିଗ ରେ ସଚେତନତା ସୃଷ୍ଟି ପାଇଁ ପୋଲିସ ପକ୍ଷରୁ ସଚେତନତା ଆରମ୍ଭ କରାଯାଇଛି ବୋଲି ସୂଚନା ଦେଇଛନ୍ତି ।ସୁନାବେଡା ପୌର ପରିଷଦ ଅଧକ୍ଷ ରାଜେନ୍ଦ୍ର କୁମାର ପାତ୍ର ମୋବାଇଲ ବ୍ୟବହାର ଉପର ନଜର ରଖିବା ଜରୁରୀ ବୋଲି କହିବା ସହ ସାଇବର ଅପରାଧ ରୁ ଦୂର ରହିବା ପାଇ ପର୍ମର୍ଷ ଦେଇଥିଲେ ।ସେମିଳିଗୁଡା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କଣ୍ଡା ଗିରି, ସେମିଳିଗୁଡା ସମିତି ଅଧକ୍ଷା ଲିଲି ଅଣ୍ଟା ବିରିୟା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ , ଇଂଜିନିୟରିଂ କଲେଜ ଡାଇରେକ୍ଟର ମଧୁସ୍ମିତା ପରିଡ଼ା ଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଇବର ଅପରାଧ କଣ ଓ ସାଧାରଣ ଜନତା କିପରି ସଚେତନ ରହିବେ ସେନେଇ ସଚେତନ କରାଯାଇଥିଲା ସଚେତନତା ରଥ କୋରାପୁଟ ଜିଲ୍ଲାର ୧୪ ଗୋଟି ବ୍ଲକ ରେ ବୁଲି ସାଇବର ଅପରାଧ ଓ ସେଥିରୁ ବର୍ତ୍ତିବାର ଉପାୟ ସମ୍ପର୍କ ରେ ସଚେତନତା ସୃଷ୍ଟି କରିବ। ଏହି ରଥ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଯଦି କୌଣସି ବ୍ୟକ୍ତି ଠକାମୀର ଶିକାର ହୁଅନ୍ତି ତେବେ ନିକଟସ୍ଥ ପୋଲିସ ଷ୍ଟେସନ ରେ ସଙ୍ଗେ ସଙ୍ଗେ ଜଣାଇବା ଆବଶ୍ୟକ ରହିଛି ବୋଲି ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ନିବେଦନ କରିଛନ୍ତି। କାର୍ଯକ୍ରମ ରେ ସାଇବର ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦେବ ଯେପରିକି କିପରି ସାଇବର ଅପରାଧ ରୁ ସୁରକ୍ଷିତ ରହିବା, କଠିନ ପାସ ୱାର୍ଡ ବ୍ୟବହାର କରିବା, ଅଫର ଯୁକ୍ତ ମେଲ ବା ମେସେଜ ଉତ୍ତର ନ ଦେବା, ସୋସିଆଲ ମିଡ଼ିଆ ବ୍ୟବହାର କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା, ସମୟ ବ୍ୟବଧାନ ରେ ପାସୱାର୍ଡ ବଦଳାଇବା, କୌଣସି ତଥା ଲିକ ହେବାର ସୂଚନା ଆସିଲେ ତୁରନ୍ତ ପାସୱାର୍ଡ ବଦଳାଇବା, ପିଲାଙ୍କୁ କିପରି ସାଇବର ଅପରାଧ ରୁ ସୁରକ୍ଷିତ ରଖିବା, ଆର୍ଥିକ କାରବାର ସମ୍ବନ୍ଧରେ ସତର୍କ ରହିବା, ଅନେକ ଲାଇନ ସପିଙ୍ଗ ରେ ସତର୍କତା ଅବଲମ୍ବନ କରିବା, କେୱାଇସି ଆଧାର ପ୍ୟାନ ସମ୍ପର୍କିତ ଠକେଇ ଠାରୁ ଦୂରେଇ ରହିବା, ନିଯୁକ୍ତି ଦେବା ନାଁ ରେ ଅନଲାଇନ ରେ ପଇସା ମାଗିବା,ଲୋନ ପାଇବା ପାଇଁ କୌଣସି ଲୋନ ଆପ ବ୍ୟବହାର କରନ୍ତୁ ନାହିଁ କ୍ଷ ବରଂ ନିକଟସ୍ଥ ବ୍ୟାଙ୍କ ସହିତ ସମ୍ପର୍କ କରି ଲୋନ ନେବା, ମାଟ୍ରିମୋନିଆଲ ବା ଉପହାର ରେ ଅନେକ ଠକେଇ ହେଉଛି କ୍ଷ ଅଜଣା ନମ୍ବର ରୁ ଅନେକ କଲ ବା ଲିଙ୍କ ଏସଏମଏସ ମାଧ୍ୟମରେ ଆସୁଛି ସେଇ ସବୁଠାରୁ କିପରି ଦୂରେଇ ରହିବା, ଟାୱାର ବସାଇବା ନାଁରେ ଲୋକ ମାନଙ୍କୁ ଲୋଭ ଦେଖାଇ ଅନେକ ସମୟରେ ଟଙ୍କା ଆଦାୟ କରାଯାଉଛି କ୍ଷ ଓଏଲଏକ୍ସ ରେ ବିଜ୍ଞାପନ ଦେଇ ନିରୀହ ଗ୍ରାହକ ମାନଙ୍କୁ ଲୋଭ ଦେଖାଇ ଠକ ମାନେ ଚତୁରତା ସହକାରେ ଠକୁଛନ୍ତି କ୍ଷ ଏହି ସବୁ ଠକାମୀ ଠାରୁ କିପରି ଦୂରେଇ ରହି ହେବ ସେ ନେଇ ସଚେତନତା କରାଯାଇଥିଲା ଇନ୍ସପେକ୍ଟର ସତ୍ୟବମା ବେହେରା କାର୍ଯକ୍ରମ କୁ ପରିଚାଳନା କରିଥିଲା କ୍ଷ ଚାତ୍ର ଛାତ୍ରୀ ଙ୍କ ମଧ୍ୟରେ କୁଇଜ୍, ଡ୍ରଇଂ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।ବିଜେତା ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏ ଏସ ଆଇ ଦିଗାନ୍ତ ବିହାରୀ ପ୍ରଭୁସହାୟ, ପଡୁଆ ଥାନା ଏସ ଇ ଦୀପକ ବାରିକ, ଏ ଏସ ଇ ବି ଡି ମାଝୀ , ଥାନା କର୍ମଚାରୀ ସହଜଗରେ କାର୍ଯକ୍ରମ ସଫଳ ହେଇଛି ।

# ମିଶନ ଶକ୍ତି ଗୃହ ପରିସରରୁ ନଳକୂପ ଲୁଟିନେଲେ ଦୁର୍ବୃତ୍ତ

ଜେନାପୁର,(ପି.ଏନ୍) ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧିନ ପଥରଡିହ ଗ୍ରାମର ୧ ନମ୍ବର ୱାର୍ଡ ଥିବା ମିଶନ ଶକ୍ତି ଗୃହ ପରିସରରେ ଥିବା ନଳକୂପଟି ଆଜି ଦୁର୍ବୃତ୍ତମାନେ ଲୁଟି ନେଇଥିବା ଦେଖିବାକୁ ମିଳିଥିଲା । ଜେନାପୁର ମହାସଂଘର ସଭାନେତ୍ରୀ ସନ୍ଧ୍ୟାରାଣୀ କହିବା ଅନୁଯାଇ ବର୍ତ୍ତମାନ ମିଶନ ଶକ୍ତି ଗୃହଟି ୧୧୫ ଗୋଷ୍ଠୀ ୧୧୮୫ ଜଣ ସଭ୍ୟା ମହାସଂଘ ମାଧମରେ ସରକାରୀ ଯୋଜନାରେ ଉପକୃତ ହେଉଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବ୍ୟବହୃତ ହେଉଥିବା ପିଇବା ପାଣି,ନଳକୂପ,ଶୌଚାଳୟ ଓ ବିଦ୍ୟୁତ୍ ମିଟରକୁ ଦୁର୍ବୃତ୍ତ ଭାଙ୍ଗି ଦେବା ସହିତ ଚୋରି ହୋଇଥିବାର ଅଭିଯୋଗ କରିଛନ୍ତି । ଯାହା ଫଳରେ କି ନୈଦିନ ଆସୁଥିବା ମା ମାନେ ମହାସଂଘ କାର୍ଯ୍ୟାଳୟକୁ ନାହିଁ ନ ଥିବା ହଇରାଣ ହରକତ ହେବାର ପରିସ୍ଥିତି ସୃଷ୍ଟି ହୋଇଛି । ମହାସଂଘ କାର୍ଯ୍ୟାଳୟରେ ଥିବା ବିଭିନ୍ନ ଜିନିଷ ପତ୍ର ଓ ବ୍ୟବହୃତ ହେଉଥିବା ରେଜିଷ୍ଟର,ମୂଲ୍ୟବାନ୍ କାଗଜ ପତ୍ର ଅସୁରକ୍ଷିତ ଅବସ୍ଥାରେ ରହିଛି । କେତେବେଳେ ଏହି କାର୍ଯ୍ୟାଳୟର ଦରକାରୀ ଜିନିଷ ଚୋରି ହୋଇନଯିବ କିଏ କହିବ । ଏହାକୁ ରୋକିବା ପାଇଁ ଆଜି ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏଥିରେ ସଂପାଦିକା ସୁଲୋଚନା ମଲିକ୍,ସଭାନେତ୍ରୀ ସନ୍ଧ୍ୟାରାଣୀ ରାଉତ,ଏମ୍ ବି କେ ସସ୍ମିତା ପୁରୀ,ସି ଆର୍ ପି ସୁଜତା ମହାନ୍ତି,ପ୍ରତିମା ଦଳାଇ,ଧରତ୍ରୀ ମହାନ୍ତି ପ୍ରମୁଖ ସାମିଲ୍ ହୋଇଥିଲେ ।

# ୪୦ କେଜି ଗଞ୍ଜେଇ ସହ ଦୁଇ ଅଭିଯୁକ୍ତ ଗିରଫ

ଫୁଲବାଣୀ : (ସୁର୍ଯ୍ୟନାରାୟଣ ବେହେରା) । କନ୍ଧମାଳ ଜିଲ୍ଲା ସଦର ଅବକାରୀ ବିଭାଗକୁ ମିଳିଛି ସଫଳତା କ୍ଷ ସୁପରିଟେଣ୍ଡେଣ୍ଟ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ କୋଣସି ସୂତ୍ରରୁ ଖବର ପାଇ ଏସ ଆଇ ସାଗର ଭୋଇ, ଏ ଏସ ଆଇ ଶୁକାନ୍ତ କୁମାର କହଁର, ଷ୍ଟାଫ ଅନିଲ କୁମାର ବେହେରା, ସଞ୍ଜୀବ ପ୍ରଧାନ ଓ ମିଳନ କୁମାର ସାହୁ ଗୁମାଗଡ଼ ମୁଖ୍ୟ ରାସ୍ତାରେ ଜଗି ଥିଲେ କ୍ଷ ଏହି ସମୟରେ ଏକ



ଧଳା ରଙ୍ଗର ହୁଣ୍ଡାଇ କାର( ଓ ଡି ୦୨ବି ଏଚ୍ ୦୦୩୫) କ୍ଷିପ୍ର ବେଗରେ ଯାଉଥିବା କାର କୁ ଅଟକାଇ ତନଖି କରିଥିଲେ କ୍ଷ ତନଖି ସମୟରେ ଦୁଇ ବସ୍ତା ଗଞ୍ଜେଇ ଯାହାର ଓଜନ ୪୦ କିଗ୍ରା ହେବ ଜବତ କରିଥିଲେ କ୍ଷ ଏଥି ସହ ଦୁଇ ଜଣ ବ୍ୟକ୍ତିଙ୍କୁ ମଧ ଗିରଫ କରି ଆଣି ପଚ଼ରା ଉଚ଼ରା କରିଥିଲେ କ୍ଷ ଉଭୟ ଗଞ୍ଜାମ ଜିଲ୍ଲାର ଅଟନ୍ତି ।ଅଭିଯୁକ୍ତ ଦୁଇ ଜଣ ହେଲେ କିଷନ ନାୟକ (୨୩) , ଗଙ୍ଗାଧର ଗୌଡ (୨୫) କୁ ଗିରଫ କରି ଏକ ମାମଲା ଥାନା କେଶ ନମ୍ବର ୯୩/ ୨୩ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ଏସ ଆଇ ସାଗର ଭୋଇ ସୂଚ଼ନା ଦେଇଛନ୍ତି ।

# ପୁରୀରୁ ଗଞ୍ଜାମ ପର୍ଯ୍ୟନ୍ତ ଲମ୍ବିଛି ଚେର : ପୁଲିସ ନିଷ୍କ୍ରିୟତାର ସୁଯୋଗରେ ଶାସନ ଦାମୋଦରପୁରରେ ଚାଲିଛି ବେଧଡକ ଜୁଆ ଆଡ୍ଡା

ପୁରୀ,(ପି.ଏନ):ସଦର ଥାନା ଅଧୀନ ଶାସନ ଦାମୋଦରପୁର ପଂଚାୟତରେ ଚାଲିଛି ବେଧଡକ ଜୁଆ ଆଡ୍ଡା। ଏ ନେଇ ସ୍ଥାନୀୟ ଲୋକେ ପୁଲିସ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ଜୁଆ ଆଡ୍ଡା ଉପରେ ଚଢାଉ ହେଉନି। ଯାହା ଫଳରେ ପୁରୀ ସମେତ ସୁଦୂର ବ୍ରହ୍ମପୁର ଅଚଂଳରୁ ଲୋକେ ଗାଡିରେ ଆସି ଏଠାରେ ଜୁଆ ଖେଳୁଥିବାର ସୂଚନା ମିଳିଛି। ଏଠାରେ ୨ଟି ସ୍ଥାନରେ ଜୁଆ ଆଡ୍ଡା ଚାଲିଥିବା ବେଳେ,ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କାର ଜୁଆ ଖେଳ ଯୋଗୁ ସ୍ଥାନୀୟ ଲୋକେ ସର୍ବସ୍ୱାନ୍ତ ହେଉଥିବାର ନଜୀର ରହିଛି। ସୂଚନା ମୁତାବକ,ପୁରୀ ସଦର ଥାନା ଅଧୀନ ଶାସନ ଦାମୋଦରପୁରର ନରସିଂହବଲ୍ଲଭ ଚନ୍ଦନଘର ତଥା ଚନଘର ଏବଂ ଆଖଣ୍ଡେଳଶ୍ୱର ମନ୍ଦିର ପଛପଟେ ଏହି ଜୁଆ ଆଡ୍ଡା ଦିନ ଓ



ରାତିରେ ଚାଲିଛି। ଏହି ଜୁଆ ଆଡ୍ଡାର ମୁଖ୍ୟ ପୁଷ୍ଟପୋଷକ ସ୍ଥାନୀୟ ଅଚଂଳର କିଛି ରାଜନୈତିକ ବ୍ୟକ୍ତିଙ୍କ ସମେତ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଚଂଳର ଜଣେ ମହିଳା ରହିଥିବାର ସୂଚନା ମିଳିଛି। ଏହି ୨ଟି ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ପ୍ରତ୍ୟେକ ଦିନ ଲକ୍ଷାଧିକ ଟଙ୍କାର ଜୁଆ ଖେଳ ଚାଲିଛି। ପୁରୀ ସମେତ ଆଖପାଖ ଅଚଂଳର ଶତାଧିକ ଜୁଆଡି ଏହି ୨ଟି ସ୍ଥାନରେ ଏକାଠି ହେଉଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ କିଛି ରାଜନୈତିକ ବ୍ୟକ୍ତିଙ୍କ ସହ କିଛି ଗୁଣ୍ଡା ଏବଂ ଗଞ୍ଜାମ ଅଚଂଳର ଜଣେ ମହିଳାଙ୍କ ପୃଷ୍ଟପୋଷକରେ ଏହି ଜୁଆ ଆଡ୍ଡା ଦୀର୍ଘ ବର୍ଷ ହେଲା ଚାଲିଛି। ହେଲେ ପୁଲିସ ସବୁଜାଣି ମୋଟା ଅଙ୍କର ବଟି ନେଇ ଚୁପ ରହୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଜୁଆ ଖେଳ ଯୋଗୁ ସ୍ଥାନୀୟ ଅଚଂଳର ଅନେକ ନିରୀହ ବ୍ୟକ୍ତିଙ୍କ ପରିବାର ସର୍ବସ୍ୱାନ୍ତ ହେଉଥିବାର ଅନେକ ନଜୀର ରହିଛି। ଏହି ଜୁଆ ଖେଳର ଚେର ପୁରୀରୁ ଗଞ୍ଜାମ ବ୍ରହ୍ମପୁର ପର୍ଯ୍ୟନ୍ତ ଲମ୍ବିଛି ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ହେଲେ ଦୀର୍ଘ ବର୍ଷ ହେଲା ସଦର ପୁଲିସର ନାକ ତଳେ ଚାଲିଥିବା ଏହି ଜୁଆ ଆଡ୍ଡା ଉପରେ ପୁଲିସ ଚଢାଉ ନ କରିବା ସାଧାରଣରେ ତାଙ୍କର କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ସଦର ଥାନାଧିକାରୀ ଭାବଗ୍ରାହୀ ରାଉତ କହନ୍ତି,ସେ ନୂଆ ହୋଇ ସଦର ଥାନାରେ ଯୋଗଦାନ କରିଛନ୍ତି। ଯୋଗଦାନ ପରେ ସଦର ଅଚଂଳରେ ଚାଲିଥିବା ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଉପରେ ରୀତିମତ ଚଢାଉ ଜାରୀ ରହିଛି। ଶାସନ ଦାମୋଦରପୁର ଅଚଂଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଖୁବ ଶିଘ୍ର ଚଢାଉ କରାଯିବ ବୋଲି ସୂଚନା ଦେଇଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray